# ପଢ଼ଘର

( ୨୦ ଅଗଷ୍ଟ, ୧୯୫୦ )

ନଂ 282
17 JUN 1959

ଶ୍ରୀ ପ୍ରମଥନାଥ ଦାଶ

ମକ—୨୦୯ | ଚାରଅଣା

ପ୍ରକାଶକ—

ଶ୍ରୀ ପ୍ରମଥନାଥ ଦାଶ

ଷଢ଼େଇକଳା

ପ୍ରଥମ ସଂସ୍କରଣ

ଏକହଜାର, ୧୯୫୧

ମୁଦ୍ରାକର—ବନମାଲୀ ମିଶ୍ର ବି.ଏ.

ନବଭାରତ ପ୍ରେସ

କଟକ

# ଧଡ଼ିବାଜ

ଶୈଶବର ଅଳିଅଳ ଚପଳତା ଓ ବାତ୍ସଲ୍ୟ ସ୍ନେହ ସେନା 'ଧଡ଼ିବାଜ'ର ଅବତାରଣା । କାକା ମାଆଙ୍କର ଶ୍ରଦ୍ଧା ଓ ବିନୟ ଧଡ଼ିବାଜର ମନରେ ଚହଳ ଆବେଗରେ ଯେଉଁ ଅନ୍ତରର ଉଚ୍ଛ୍ୱାସ ଓ ଆଲୋଡ଼ନ ଦେଇଥିଲା, ତାଙ୍କ ହୃଦୟରେହିଁ ଏହି ଧଡ଼ିବାଜ ହୃଷ୍ଟବାନ୍ୱିତ କରି ପାରି ପିତାମାତାଙ୍କ ଅନ୍ତରର କାମନା ପୂରଣ କରି ପାରିଛି, କେବଳ ଚପଳମତି ଶିଶୁର କୌତୁହଳ ଭିତରେ ବ୍ରହ୍ମଚର୍ଯ୍ୟ ବୀରର ନିର୍ଦ୍ଦୋଷ ନାରୀ ନିକଟରେ କଠୋର ବ୍ରହ୍ମଚର୍ଯ୍ୟବ୍ରତକୁ ପଣ୍ଡ କରି ସେମାନଙ୍କ ଦାମ୍ପତ୍ୟ ଜୀବନର ସ୍ନେହାସ୍ପଦ ଅବିଚ୍ଛିନ୍ନ ଓ ଅଫୁରନ୍ତ ମିଳନରେ ଓ ପିତାମାତାଙ୍କର ଆନନ୍ଦରେ ।

ଲେଖକ

# ଜନମ ଭୂମି

ଶୈଶବର ଲୀଳାଭୂମି ତୁମ୍ଭ ମା ଜନମଭୂମି
କୈଶୋରର କ୍ରୀଡ଼ାକ୍ଷେତ୍ର ଉଚ୍ଚ ବିଶାଳ ଭୂମି । ୧ ।

ପ୍ରେମର ପବିତ୍ର କୁଞ୍ଜ ସରସ ଯୌବନେ
ସାଧନାର ତପୋବନ ବାର୍ଦ୍ଧକ୍ୟ ଜୀବନେ । ୨ ।

ଜନନୀ ମଙ୍ଗଳମୟୀ ! ତୋହରେ ପ୍ରଣମେଁ ।
ସ୍ୱର୍ଗରୁ ଶ୍ରେଷ୍ଠ ତୁମ୍ଭ ମା ଜନମ ଭୂମି । ୩ ।

ପ୍ରମଥ ନାଥ ଦାଶ ।

ନଂ 282
ତା 17 JUL 1939

# ଝଣ୍ଡାଗୀନ

## ପ୍ରଥମ ପରିଚ୍ଛେଦ ।

ଝଣ୍ଡାବାଳର ବୟସ ହୋଇଥାଏ ସେତେବେଳେ ଛଅ ବର୍ଷ ମାତ୍ର । ତାହାର କାର୍ଯ୍ୟ କଳାପ ଦେଖିଲେ ମନରେ ସନ୍ଦେହ ଉପସ୍ଥିତ ହେବ । କିନ୍ତୁ ସନ୍ଦେହ କଲେ ଚଳିବ ନାହିଁ ।

ଝଣ୍ଡାବାଳର ଜୀବନ ଯାହା ଯେତେଦୂର ସମ୍ଭବ, ହୁଏତ, ଆଉ କେତୋଟି ବର୍ଷ ଇତିମଧ୍ୟ ଦୁଷ୍ଟାମି କରି ଅପେକ୍ଷାକୃତ ବୈଚିତ୍ର୍ୟହୀନ ଭାବରେ କଟି ଯାଆନ୍ତା କି ? କିନ୍ତୁ ହଠାତ୍ ଦିନକରେ ସେ ବାୟସ୍କୋପ ଦେଖିବାକୁ ଯାଇ ସମସ୍ତ ଓଲଟ ପାଲଟ ହୋଇଗଲା । ତା ମଥା ଖାଲି ବଁ ବଁ ହେଲା—ବୁଦ୍ଧିଅଣ୍ଡେ ସୋରିଷ ଫୁଲ ଦିଶିଲା । ସେ କେତେ ଗୁଣ୍ଡାଏ ଅପୂର୍ବ ଆଇଡ଼ିଆ ତାର କ୍ଷୁଦ୍ର ମସ୍ତିଷ୍କରେ ଭରି ସେ ଦିନ ବାୟସ୍କୋପରୁ ଫେରି ଆସିଲା ।

ପ୍ରଧାନ ଆଇଡ଼ିଆ ମଧ୍ୟରେ ସେ ନିଜେ ଜଣେ ଦୁର୍ଦ୍ଦାନ୍ତ ଡକାଇତ ସର୍ଦ୍ଦାର । ଆଉ ଯେମିତି ତେମିତି ସର୍ଦ୍ଦାର ବି ନୁହେଁ । ଏକ ଦିଗରେ ସେପରି ଦୁର୍ଦ୍ଧର୍ଷ, ଅନ୍ୟ ଦିଗରେ ସେମିତି ନ୍ୟାୟପରାୟଣ । ଦୁଷ୍ଟର ଦମନ ଓ ଶିଷ୍ଟର ପାଳନ କରିବାହିଁ ତାହାର ମୁଖ୍ୟ ଧର୍ମ । ଯଦିଚ ଭୟଙ୍କର ରୂପ ସଜ୍ଜା ପାଇଁ ତାହାର ଏକସେଟ୍ ନିଶ ଦାଢ଼ି ନାହିଁ, ଏଇଥିଲା ଏକ ଅସୁବିଧା । କିନ୍ତୁ ଠିକ୍ ଭାବି ଦେଖିବାକୁ

ଗଲେ ଦାଢ଼ିଥିବା ଡକାଏତ ସର୍ଦ୍ଦାରର ଗୋଟାଏ ଅପରିହାର୍ଯ୍ୟ ଅଙ୍ଗ ନି-
ନୁହେଁ । କାରଣ ଦରଓ୍ୱାନଅଛି, ବୁଢା ବୁଢୁରୁ ସିଂହ ଦାଢ଼ି ତ ଅଛି,
ଉପରନ୍ତୁ ବଡ଼ ବଡ଼ ଗାଲପାଟି ବି ଅଛି । ତଥାପି ତାଙ୍କୁ କୌଣସି
ଧନ ଦୁଷ୍ଟର ଦମନ କିମ୍ବା ଶିଷ୍ଟର ପାଳନ କରିବାର ଦେଖାଯାଇ
ନାହିଁ । ଅସଲ କଥା ହେଉଛି ଡକାଇତ ସର୍ଦ୍ଦାରର ପରି ଆଚରଣ
ଥିଲେହିଁ ହେଲା । ଦାଢ଼ି ନ ଥିଲେହେଁ ସେଥିରେ କିଛି ଯାଏ ଆସେନା,
ଆଉ ସମସ୍ତ ଡକାଇତ ସର୍ଦ୍ଦାରର ଦାଢ଼ି ବି ତ ଥାଏ ନା ।

କିନ୍ତୁ ସର୍ଦ୍ଦାର ହେବାକୁ ଗଲେ ସର୍ବ ପ୍ରଥମେ ଡକାଏତ ଦଳଟିଏ
ଦରକାର, କାରଣ ବାୟସ୍କୋପରେ ସର୍ଦ୍ଦାରର ପ୍ରକାଣ୍ଡ ଦଳଟିଏ
ଥିଲା । ତାହାର ଦଳଟି ହୁକୁମ ପାଇଲା ମାତ୍ରକେ ନାନା ବିଧ ଅସୀମ
ସାହସିକ ଦୁଷ୍କ୍ରିୟା କରି ପକାନ୍ତି । ଅତ୍ୟାଚାରୀ ରାଜାର ଘରବାଡ଼ି,
ଧନ ସମ୍ପତ୍ତି ଲୁଣ୍ଠନ କରି ତାହାକୁ ଗଛର ଡାଳରେ ଝୁଲାଇ
ଦେଇଥିଲା । ଧଡ଼ିବାଜର ଏପରି ଆଜ୍ଞାବହ ଦଳ କାହିଁ ? ଅନୁଗତ
ଅନୁଚର ମଧ୍ୟରେ କେବଳ ଗୁରି ଚୋର ଅନୁଜା କୁମୁଦିନୀ ଆଉ
ଗୋଟିଏ କୁକୁର ଛୁଆ ବାଘା—ଏତିକି ମାତ୍ର ଥିଲେ ସମ୍ବଳ । ଅଦୂର
ଭବିଷ୍ୟତରେ ଏହି କୁକୁର ଶାବକଟି ଯେ ଧନେ ମହା ଶକ୍ତିଶାଳୀ
ହୋଇ ଉଠିବ, ଏହି ଆଶା-ରେ ତାର ବି ନାମ କରଣ ହୋଇଥିଲା
ବାଘା ।

ଏମାନେ ଦୁହେଁ ଧଡ଼ିବାଜର ଏକାନ୍ତ ଅନୁଗତ ଥିଲେ ସତ, କିନ୍ତୁ
ଆଦେଶ ପାଇଲା ମାତ୍ରକେ ସେମାନେ ବାୟସ୍କୋପର ଡକାଇତ ଦଳ
ପରି ଅସୀମ ସାହସିକ ଦୁଷ୍କ୍ରିୟା କରିବେ କି ନାହିଁ ତାହି
ଧଡ଼ିବାଜର ବରାବର ସନ୍ଦେହ ଲାଗୁଥିଲା । ଥରେ ଗୋଟାଏ ଭୁଆ
ଷଣ୍ଢକୁ ଆକ୍ରମଣ କରିବା ପାଇଁ ଧଡ଼ିବାଜ ତାର ବାଘାକୁ

ବହୁ ପ୍ରକାରେ ଉତ୍ତେଜିତ କରିଥିଲା । କିନ୍ତୁ ବାଘ। ସମ୍ମତ ନ ହୋଇ ଅତ୍ୟନ୍ତ କାତର ଭାବରେ ପୁଚ୍ଛ ସଙ୍କୁଚିତ କରି ବିପରୀତ ମୁଖରେ ପ୍ରସ୍ଥାନ କରିଥିଲା । ଆଉ କୁମୁଦିନୀ—ସେ ତ ନିହାତି ଛୋଟ ବାଳିକା, ତେଣୁ ଦ୍ରୁତ ଦୌଡ଼ି ପାରେ ନାହିଁ । ଖୁବ୍ ଜୋରରେ ଦୌଡ଼ିଲେ ପଡ଼ି ଢୁଣ୍ଡି ଚ ଅଣ୍ଟୁ ଗଣ୍ଠି ଛଡ଼ାଇ ସେ କାନ୍ଦି କାନ୍ଦି ଘରକୁ ଅସେ । ତା'ର ଦେଇ ଏ ସବୁ କାର୍ଯ୍ୟ ହେବା ଏକବାରେ ଅସମ୍ଭବ ।

କିନ୍ତୁ ଏତେ ବାଧା ବିପତ୍ତି ଥିବା ସତ୍ତ୍ୱେ ଧଡ଼ିବାଜ ଉଦ୍ୟୋଗ୍ରସ୍ତ ହୋଇ ନ ଥିଲା । ଭଲ ଅନୁଚର ନ ଥିଲେ ନାହିଁ । ତଥାପି ସେ ନିଃସଙ୍ଗ ଭାବରେ ସର୍ଦ୍ଦାର ବନି ତାର କାର୍ଯ୍ୟ ହାସଲ କରିଯିବ । ଯଦି ତାହାର ଡାକ ଶୁଣି କେହୁ ନ ଆସିବେ ନ ଅସନ୍ତୁ । ସେ ଏକାକୀ ଚାଲିବ । ବାୟୁସ୍କୋପରେ ଦି ଡ ଡକାଇତ ସର୍ଦ୍ଦାର ଏକାକୀ ଦୁର୍ଗ ପ୍ରାଚୀର ଲଙ୍ଘନ କରି ବନ୍ଦିନୀ ତରୁଣୀକୁ ଉଦ୍ଧାର କରିଥିଲା ।

ସେ କଥା ଯାହା ହେଉ ପଛକେ, ସେ ସର୍ଦ୍ଦାର ବନି କି କି ଦୁଷ୍ଟର ଦମନ ଆଗ କରିବ ? କାରଣ ଶିଷ୍ଟର ପାଳନଟା ଯା ପଛକୁ କଲେ ବି କ୍ଷତି ନାହିଁ । କିନ୍ତୁ ଦୁଷ୍ଟର ଦମନଟା ଅଗ କରିବା ନିତାନ୍ତ ଦରକାର । ସର୍ବାଗ୍ରେ ତାହାର ମାଷ୍ଟର ମହାଶୟଙ୍କ କଥାଟା ମନେ ପଡ଼ିଲା । ଦୁଷ୍ଟ ଲୋକ କହିବାକୁ ଗଲେ ଯାହା କିଛି ବୁଝାଏ ସମସ୍ତ ଦୋଷହିଁ ମାଷ୍ଟର ମହାଶୟଙ୍କ ନିକଟରେ ବିଦ୍ୟମାନ । ବଡ଼ ସକାଳୁ ଆସି ମାଷ୍ଟର ଅସି ହାଜର ହୁଅନ୍ତି । ପାଠ୍ୟ ପୁସ୍ତକ ପ୍ରତି ଧଡ଼ିବାଜର ଅନୁରାଗ କିଛି କମ୍ । ବିଶେଷତଃ ଅଙ୍କ ଶାସ୍ତ୍ରରେ ସେ ନିହାତି କଞ୍ଚା । ତେଣୁ ମାଷ୍ଟର ମହାଶୟ ଆସିବା ସମୟ ଠାରୁ ଦୀର୍ଘ ଦୁଇଘଣ୍ଟା ଧରି ଧଡ଼ିବାଜ ଉପରେ ଯେଉଁ ଦାରୁଣ ଅତ୍ୟାଚାର ଉତ୍ପୀଡ଼ନ ପ୍ରଭୃତି ଚାଲେ

ଥାଏ, ତାହା ଆଉ ବେଶୀ ନ କହିବାହିଁ ଭଲ । ଏଣୁ ଏତେ ବଡ଼ ଅତ୍ୟାଚାରୀ ଓ ଉତ୍ପୀଡ଼ନକାରୀଙ୍କୁ ଶାସନ କରିବା ଡକାଇତ ସର୍ଦ୍ଦାରର ପ୍ରଥମ କର୍ତ୍ତବ୍ୟ ।

କିନ୍ତୁ ଭାବଚିନ୍ତା ଧଡ଼ିବାଜ ମାଷ୍ଟର ମହାଶୟଙ୍କୁ ପରିତ୍ୟାଗ କଲା । ତାଙ୍କର ଚେହେରାଟି ଏତେ ନାଦଠ ଯେ, ଆଉ ଦେହର ଦୈର୍ଘ୍ୟ ପ୍ରସ୍ଥ ଏତେ ବିପୁଳ ଯେ ଟିଣର ତରବାରୀ ଦ୍ୱାରା ତାଙ୍କର ପ୍ରକାଣ୍ଡ ମୁଣ୍ଡ ଛେଦନ କରିବା ଏକବାରେ ଅସମ୍ଭବ । ତାଙ୍କୁ ଜଞ୍ଜିର ବେଞ୍ଚ ଲଗାଇ ଲମ୍ବା ଶିକୁଳୀ ଦ୍ୱାରା ଗଛ ଡାଳରେ ଫାଶି ଦେବା ଧଡ଼ିବାଜର ସାଧ୍ୟାତୀତ । ଅତି ଦୁଃଖିତ ଭାବରେ ଧଡ଼ିବାଜ ବିଚରା ମାଷ୍ଟର ମହାଶୟଙ୍କୁ ପୂର୍ଣ୍ଣ ଅବ୍ୟାହତି ଦେଇଥିଲା ।

ମାଷ୍ଟର ମହାଶୟତ ଗଲେ । ଆଉ ଶାସ୍ତି ଯୋଗ୍ୟ କିଏ ଅଛି ?— ବଭୁରୁ ସିଂ ଦରଓ୍ୱାନ ବୁଢ଼ା ! ଧଡ଼ିବାଜ ମନେ ମନେ ଠଅର କରି ମଥା ଝୁଙ୍ଗାରିଲା । ବୁଭୁରୁ ବୁଢ଼ାର ଚେହେରାଟା ଠିକ୍ ଦୁଷ୍ମନ୍‌ର ପରି ସତ । କିନ୍ତୁ କେବଳ ମାତ୍ର ଚେହେରା ଦେଖି ତାହାର ବିଚାର କରିଗଲେ ଅନ୍ୟାୟ ହେବ । ସେ କୁଳି, ସଇତମ୍ବା, ମନ୍ଦାର, ଅମ୍ବ, ପଣସ, ଲିଚୁ, ଗୁଆଁର, ଆଖୁ, ନଡ଼ିଆ, କଦଳୀ ଅଙ୍ଗୁର କେତେ କି ବାଗାନରୁ ଚୁପ୍ ଚୁପ୍ ଚୋରାଇ ଆଣି ଧଡ଼ିବାଜକୁ ଖୁଆଏ । ସମୟ ଅସମୟରେ ତାକୁ କାନ୍ଧ ଉପରେ ବସାଇ ବଜାର ବୁଲାଇ ନିଏ । ସଞ୍ଜ-ବେଳେ ବାଗାନ ଭିତରେ ଥିବା ଦେବଦାରୁ ଗଛ ପାଖରେ ଥିବା ବେଦୀ ଉପରେ ବସାଇ ସେ ତାକୁ ଦେଶ ବିଦେଶର ନୂଆ ନୂଆ ଅଦ୍ଭୁତ ରୋମାଞ୍ଚକର କାହାଣୀ ଶୁଣାଏ । ଶୁଣୁ ଶୁଣୁ ତାକୁ ତନ୍ଦ୍ରା ହେବାକୁ ପଡ଼େ । ନା, ନା, ବେଚାରା ବୁଭୁରୁ ସିଂ ଦରଓ୍ୱାନ ବୁଢ଼ାକୁ

ପାପିଷ୍ଠ ଦୁଷ୍ଟ ତସ୍କରର ପର୍ଯ୍ୟାୟରେ ପକାଇବା କଦାପି ଉଚିତ ହେବ ନାହିଁ ।

ତାହାହେଲେ ଆଉ କଣ ଅଛି ?— ବାପା ! ଧଣ୍ଡବାଜ ଅନେକ ସମୟ ପର୍ଯ୍ୟନ୍ତ ଗାଲରେ ହାତ ଦେଇ ଚିନ୍ତା କଲା । ଅଭାବ ପକ୍ଷରେ ବାପାଙ୍କୁ ପାପିଷ୍ଠ ବୋଲି ଧରି ନିଆ ଯାଇପାରେ, କିନ୍ତୁ ପ୍ରକୃତରେ 'ବାପା' ଲୋକଟି ନିହାତି ମନ୍ଦ ନୁହେଁ । ମାଡ଼ ଧର, ଗାଲି, ପେଞ୍ଚ-ଯୁକ୍ତି ସେ ଏକବାରେ କରନ୍ତି ନାହିଁ । ନିଜର ଲେଖାପଢାରେ ସେ ସବୁବେଳେ ବ୍ୟାପୃତ ଥାଆନ୍ତି । ( ଯଦିଚ ଏତେ ସବୁ ଲେଖା ପଢା କରିବାଟା ଗୋଟାଏ ପାପିଷ୍ଠର ଲକ୍ଷଣ କି ନା ତାହା ବି ଏକ ବିବେ-ଚନାର ବିଷୟ ) । ଉପରନ୍ତୁ ଧଣ୍ଡବାଜର ମାତାର ସହିତ ବାପାଙ୍କର ବିଶେଷ ସଦ୍‌ଭାବ ଅଛି ବୋଲି ମନେ ହୁଏ । ପ୍ରାୟ ସେମାନଙ୍କ ମଧ୍ୟରେ ହାସ୍ୟ ପରିହାସ ଓ ଅନ୍ତରଙ୍ଗର ପରି କଥାବାର୍ତ୍ତା ହୋଇଥାଏ— ଧଣ୍ଡବାଜ ତାହା ଲକ୍ଷ୍ୟ କରିଛି । ପୁଣି ମଝିରେ ମଝିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଝାଟି ବି ହୁଏ । ସେତେବେଳେ ଧଣ୍ଡବାଜର ମା ମୁହଁରେ ଲୁଗାକାନି ଗୁଞ୍ଜି ଅସ୍ପଷ୍ଟ ଭଗ୍ନ ସ୍ୱରରେ କି କହୁଥାନ୍ତି ତେଣିକି ଅଧିକାଂଶ କଥା ଭଲ ବୁଝାଯାଏ ନାହିଁ । ବାପା ମୁହଁ ଫୁଲାଇ ଗର ଗର ହୋଇ ଅଥଚ ଧୀରେ ଧୀରେ ଏମିତି ଦୁଇ ଗୁଡ଼ି ପଦ ବାକ୍ୟ ବାଣ ପ୍ରୟୋଗ କରନ୍ତି ଯେ ମାଆଙ୍କର କାନ୍ଦଣା ଆହୁରି ବଢ଼ିଯାଏ । ତହୁଁ କିଛି ସମୟ ଏମିତି ଭାବରେ କଟିଗଲା ପରେ ଝଗଡ଼ା ଝାଟି ଥମିଗଲେ ବାପା ନିଭୃତରେ ମାଆଙ୍କୁ କେତେ କଅଁ-ଳେଇ ସଅଁଳେଇ ଅନେକ ଆଦର ଓ ଖୁସାମୋଦ କରୁ ଥାଆନ୍ତି— ଏହା ବି ଧଣ୍ଡବାଜର ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇ ପାରେ ନାହିଁ ।

ଏପରି କ୍ଷେତ୍ରରେ କି କରାଯାଇ ପାରେ ? ଧଣ୍ଡବାଜ ବଡ଼ ଦ୍ୱିଧାରେ ପଡ଼ିଲା । ବାପାଙ୍କୁ ଅନ୍ତରର ସହ ବଦ୍ ପ୍ରକୃତିର ଲୋକ ବୋଇଲେ ଚଳିବ ନାହିଁ । ଅଥଚ ତାଙ୍କୁ ବାଦ୍ ଦେଲେ ଆଉ ଶାସ୍ତି ଦେବାର ଲୋକଟିଏ ବା କାହିଁ ? ତେବେ କି ଦୁଷ୍ଟ ଲୋକ ଅଭାବରୁ ଜଣେ ମହାପ୍ରାଣ ଡକାଇତ ସର୍ଦ୍ଦାରର ଜୀବନ ବ୍ୟର୍ଥ ହୋଇଯିବ । ମୁଣ୍ଡକଟା ଯିବା ପରି ଲୋକଟିଏ ଯଦି ପୃଥିବୀରେ ବିରଳ ହୋଇପଡ଼େ ତେବେ ତାର ଡକାଇତ ସର୍ଦ୍ଦାର ବନି ଆଉ ଲାଭ କଅଣ ?

---

# ଦ୍ୱିତୀୟ ପରିଚ୍ଛେଦ

ଶୀତର ଦ୍ୱିପ୍ରହରେ ନୀରବରେ ଗୁଳଘର କୋଠାରେ ବସି ଧଣ୍ଡବାଜ ଏହିସବୁ ଭାବନା ନେଇ ଚିନ୍ତା ନିବିଷ୍ଟ ଥିଲା । ବର୍ତ୍ତମାନ ସେ ଧୀରେ ଧୀରେ ସେଠାରୁ ଉଠିଲା । ଏହି ନିଷ୍କର୍ମର ଅବସ୍ଥା ତାକୁ ମୋଟେ ଭଲ ଲାଗୁ ନ ଥିଲା । ଗୋଟାଏ କିଛୁ କାର୍ଯ୍ୟ କରିବାହିଁ ତାର ଫେର ଦରକାର ତ । ଯଦି ସତକୁ ସତ ସେମିତି ଜଣେ ପାଷଣ୍ଡ ଲୋକ ପାଓ୍ୱା ନ ଯାଏ ।

ଭାବୁଁ ଭାବୁଁ ଧଣ୍ଡବାଜ କୋଠାରୁ ଧୀରେ ଧୀରେ ଓହ୍ଲାଇ ଆସିଲା । କେହି କୌଣସିଠାରେ ତ ନାହିଁ । ଏତେବଡ଼ ଘର ସବୁ ଆଡ଼େ ଶୂନ୍ ଶାନ୍, ନିସ୍ତବ୍ଧ । ମାଆ ବୋଧହୁଏ କୁମୁଦନୀକୁ ଶୁଆଇ ଶୁଆଇ ନିଜେ ଶୋଇ ପଡ଼ିଛନ୍ତି । ଧଣ୍ଡବାଜ ମାଆଙ୍କ ଘର ଅତିକ୍ରମ କରି ଚୁପ୍ ଚୁପ୍ ଖୁଡ଼ିମାଙ୍କ ଶୋଇବା ଘର ଆଡ଼କୁ ଉଙ୍କି ମାରିଲା । ସେ ଦେଖିଲା ଖୁଡ଼ିମା ପଲଙ୍କ ଉପରେ ଗୁଡ଼ି ତଳରେ ତକିଆ ଚାକି, କର ତଳେ ସରସ ଚାବୁକ ରଖି ଉବୁଡ଼ ହୋଇ ଶୋଇ

ଉଦାସ ଭରା ଆଖିରେ ଜାନଲା ବାହାର ଆଡ଼କୁ ଦୃଷ୍ଟି ନିକ୍ଷେପ କରି ଅଛନ୍ତି ।

ଏଇ ଘରଟି ନାଆଁକୁ ମାତ୍ର ଖୁଡ଼ି ମାଆଙ୍କ ଶୟନ କକ୍ଷ ସତ, କିନ୍ତୁ କାହିଁ କାଳପରୁ ଧଡ଼ିବାଜର ଶୟନ କକ୍ଷ ପାଲଟି ଯାଇଥିଲା । ଇତି ପୂର୍ବେ ଧଡ଼ିବାଜ ମାଆଙ୍କ ନିକଟରେ ଶୁଅନ୍ତା । ଏହି ଘରଟି ଥିଲା କାକାଙ୍କର । ଦେଢ଼ମାସ ପରେ ତାଙ୍କର ବିଭାଘର ହେଲା । ବିଭାହ ପରେ କି ଏକ ଗଣ୍ଡଗୋଳ ହୋଇଗଲା କେଜାଣି, ଫଳତଃ, କାକା ନିଜର ଶୟନ କକ୍ଷ ଛାଡ଼ି ବାହାରର ଗୋଟାଏ ଘରେ ଆଶ୍ରୟ ନେଲେ ଏବଂ ନବ ପରିଣୀତା ଖୁଡ଼ିମା' ତାଙ୍କର ଗୃହ ଦଖଲ କରିନେଲେ । ଧଡ଼ିବାଜ ବୋଧହୁଏ ଖୁଡ଼ି-ମା'ଙ୍କର ରକ୍ଷକ ହିସାବରେ ସେହିଦିନଠାରୁ ତାଙ୍କ ସହିତ ପଲଙ୍କରେ ଶୟନ କରନ୍ତା ।

ସୁତରାଂ ଖୁଡ଼ିମା'ଙ୍କ ଶୟନ କକ୍ଷଟିକୁ ପ୍ରକାରାନ୍ତରେ ଧଡ଼ିବାଜର ଶୟନ କକ୍ଷ ହିସାବରେ ଧରି ନିଆଯାଇ ପାରେ । ଏହି କକ୍ଷରେ ତାର ଯାବତୀୟ ଖେଳର ଉପକରଣ ଓ ଅସ୍ତ୍ର ଶସ୍ତ୍ର ଲୁକ୍କାୟିତ ଥିଲା । ଡକାଇତ ସର୍ଦ୍ଦାରର ପ୍ରଧାନ ଆୟୁଧ—ଗୋଟିଏ ଟିଣର ତରବାରି । ତାହା ମଧ୍ୟ ଏହି କକ୍ଷରେ ପଲଙ୍କ ଗଦିଲା ଭିତରେ ଲୁକ୍କାୟିତ ଥିଲା । ତରବାରିଟି ଘରର ପୋଇଲି, ପରିବାର, ଦାସ, ଗୃହସ୍ୱାମିଣୀଠଁ ଆରମ୍ଭ କରି ପ୍ରାୟ ସମସ୍ତ ଲୋକଙ୍କର ଥିଲା ଚକ୍ଷୁଶୂଳ । କାରଣ ସମସ୍ତଙ୍କର ପୂରା ଆଶଙ୍କା ଥିଲା, ଧଡ଼ିବାଜ ଏହି ତରବାରି ଦ୍ୱାରା କେତେବେଳେ ନା କେତେବେଳେ କାହାର କି ଅନିଷ୍ଟ ହଠାତ୍ କରି ପକାଇ ପାରେ । ତେଣୁ ଧଡ଼ିବାଜ ତରବାରିଟିକୁ ପାରୁ ପର୍ଯ୍ୟନ୍ତ ଅତି ସନ୍ତର୍ପଣରେ

ପଲଙ୍କ ଗଦିଲା ତଳେ ଛିଣ୍ଡା କମ୍ବଳ ଗୁଡ଼ାଇ ଅତି ଗୋପନରେ ଲୁଚାଇ ରଖିଥିଲେ ।

ଧଡ଼ିବାଜ କିଯତ୍‌କ୍ଷଣ ଦ୍ୱାରର ବହିର୍ଦ୍ଦେଶରେ ଛିଡ଼ା ହୋଇ ବୋଧହୁଏ କୌଣସି ଗୁପ୍ତ ଷଡ଼ଯନ୍ତ୍ରର ଚିନ୍ତା କରୁଥିଲା । ହଠାତ୍ କଣ ଭାବି ସେ ନିଃଶବ୍ଦରେ ପାଦ ଟିପି ଟିପି ଭିତରକୁ ପ୍ରବେଶ କଲା । ଖୁଡ଼ିମା'ଙ୍କ ଓଢ଼ଣା ଖୋଲି ପଡ଼ିଛି । ତାଙ୍କ କୁନ୍ତଳ କେଶ କବରୀରେ ଖୋସି ଥିବା ସୁନା ଚିରୁଣୀ ଓ ସୁନାର ଲତାଫୁଲ ଘେରା କଣ୍ଟା ଗୁଡ଼ିକ ଧଡ଼ିବାଜର ଆଖିରେ ଝକମକ ଦିଶିଲା । କିନ୍ତୁ ଖୁଡ଼ିମା'ଙ୍କ ଉଦାସ ଭରା ଢଳ ଢଳ ଆଖି ଦୃଷ୍ଟି ସେତେବେଳ ପର୍ଯ୍ୟନ୍ତ ଜାନଲା ବାହାର ଆଡ଼କୁ ପ୍ରସାରିତ । କେଜାଣି ସିଏ କଅଣ ଭାବୁଥିଲେ ? ସେ ଧଡ଼ିବାଜର ଆଗମନ ଜାଣି ପାରିଲେ ନାହିଁ ।

ଅତି ସାବଧାନ ସହକାରେ ଧଡ଼ିବାଜ ପଲଙ୍କ ଗଦିଲା ଭିତରକୁ ହାତ ମାରି ଛିଣ୍ଡା କମ୍ବଳରେ ଗୁଡ଼ା ହୋଇଥିବା ତାର ଟିଣର ପ୍ରିୟ ତରବାରିଟି ବାହାର କରୁଁ କରୁଁ ତାହା ଭୂଇଁରେ ଖସି ପଡ଼ିଲାରୁ ଠଣ କିନା ଶବ୍ଦ ହେଲା । ଖୁଡ଼ିମା ଚମକି ପଡ଼ି ବୋଇଲେ, "କିଏ—ସେ—ଓଃ ଧଡ଼ିବାଜ··· । ଆ, ପଲଙ୍କ ଉପରକୁ ଆ । ସେଠି ପଲଙ୍କ ତଳେ ବସି କଅଣ କରୁଛୁରେ ବାପ, ଆଃ—ଆଃ— ··· ।"

ସହସା ଲଜ୍ଜିତ ଭାବରେ ଧରା ପଡ଼ିଯାଇ ଧଡ଼ିବାଜ କହିଲା, "ନା, କିଛି ନୁହେଁ··· ।" ତା ପରେ ସେ ଟିଣର ତରବାରିଟା ହାତରେ ଧରି ପଲଙ୍କ ତଳୁ ପଦାକୁ ବାହାରିଲା ।

ଡକାଏତ ସର୍ଦ୍ଦାରଙ୍କୁ ଖୁଡ଼ିମା'ଙ୍କ ସାମ୍ନାରେ ଧରାପଡ଼ି ଏମିତି ଭାବରେ ଅପ୍ରସ୍ତୁତ ହୋଇଯିବା ହେତୁଁ ଧଡ଼ିବାଜ ସର୍ଦ୍ଦାର ମନେ ମନେ କଥଞ୍ଚିତ୍ କ୍ଷୁବ୍ଧ ହେଲା । କିନ୍ତୁ ବାହାରେ ଗର୍ବିତ, ଗାମ୍ଭୀର୍ଯ୍ୟ ଅବଲମ୍ବନ କରି ସେ ବୀରତ୍ୱ ବ୍ୟଞ୍ଜକ ଭଙ୍ଗୀରେ ଛିଡ଼ା ହେଲା । ତା ପରେ ସେ ସ୍ତମ୍ଭିତ ହୋଇଗଲା ଯେତେବେଳେ ଖୁଡ଼ିମା ଆଡ଼କୁ ଅନାଇ ଦେଖିଲା, ଖୁଡ଼ିମା'ଙ୍କ ଅଦ୍ଭୁତ ସୁନ୍ଦର ଢଳ ଢଳ ଚକ୍ଷୁ ଯୁଗଳରେ ଜଳ ଛଳ ଛଳ କରୁଅଛି ।

ଖୁଡ଼ିମା ତତ୍‌କ୍ଷଣା ତାଙ୍କ ଲୁଗା କାନିରେ ଆଖି ପୋଛି ନେଇ ବୋଇଲେ, "ସେଇଠି କଅଣ କରୁଥିଲୁ, ଧଡ଼ି—?"

—"କିଛି ନା ଖୁଡ଼ିମା"··· । ଖୁଡ଼ିମାଙ୍କର ଉପରେ ସୁବର୍ତ୍ତୁଳ ଚକ୍ଷୁ ଦୁଇଟି ସ୍ଥାପନ କରି ସେ ବୋଇଲା, "ତୁମେ କାନ୍ଦୁଛ କାହିଁକି ଖୁଡ଼ିମା ···?"

ଖୁଡ଼ିମା' ଲଜ୍ଜିତ ଭାବରେ ମୁହଁଟିକୁ ଆଉଥରେ ଭଲ କରି ପୋଛି ନେଇ ବୋଇଲେ, "କାହିଁ, କେଉଁଠି କାନ୍ଦୁଛିରେ— ? ତୁ ଧୂମ୍ ଦ୍ୱିପ୍ରହର ଖରାରେ କେଉଁ ଆଡ଼େ ଏମିତି ଧଇଁସଇଁ ବୁଲୁଛୁ ? ଆ— ଆ, ଉପରକୁ ଆ । ଟିକିଏ ଶୋଇପଡ଼ ବାପ··· !"

—"ନା···"—ଧଡ଼ିବାଜର କୌତୂହଳ ସେତେବେଳେ ପର୍ଯ୍ୟନ୍ତ ନିବୃତ୍ତ ହୋଇ ନ ଥାଏ । ସେ ପୁନରାୟ ପ୍ରଶ୍ନ କଲା—"କାନ୍ଦୁଥିଲ କାହିଁକି କୁହନା ଖୁଡ଼ିମା । ଭୋକ ଲାଗୁଛି ପରା ତେବେ ?"—"ନାହିଁରେ ବାବୁ ସେ କିଛି ନୁହେଁ," ଖୁଡ଼ିମା' କହିଲେ । —"ତେବେ ଆଉ ପୁଣି କିସ ହେଉଛି," ଧଡ଼ି ପଚାରିଲା ।

—"କିଛି ନାହିଁ । ତୁ ଏବେ ତରବାରୀ ନେଇ କୁଆଡ଼େ ବାହାରୁଛୁ ବାପ । ଆ କୁଆଡ଼େ ଯାଆ ନା । ମୋ ସୁନାଠା ପରା—ଏଠି ଆସି ଶୋଇପଡ଼ ବାପ—।", ଖୁଡ଼ି ମା' ଝଡ଼ୁକୁ କଅଁଳେଇ ସଅଁଳେଇ କହିଲେ ।

—"ନା, ମୁଁ ଏଇକ୍ଷଣି ଦିଗ୍ ବିଜୟ କରି ବାହାରୁଛି ଗୋଟିଏ ଦୁରୁହ କାର୍ଯ୍ୟ ସମାପନ କରିବାକୁ । ଯାଉଛି ଖୁଡ଼ିମା'—" କହି-ଦେଇ ସେ ଦ୍ୱାର ଆଡ଼କୁ ପାଦ ପକାଇଲା ।

ଖୁଡ଼ିମା' ତାକୁ କଅଁଳେଇ ଡାକିଲେ, "ଝଡ଼ୁ—ଆଚ୍ଛା, ଗୋଟିଏ କଥା ଶୁଣି ଯାଆ ତ ବାପ ?"

ଝଡ଼ୁବାଈ ଅନିଶ୍ଚିତ ଭାବରେ ଫେରି ପଡ଼ି ଛିଡ଼ା ହୋଇ ବୋଇଲା, "କି କଥା କହିବ ଖୁଡ଼ିମା-?"

—"ଅରେ ପଗଳୁ ସିନା ଆସିଲେ କହିବି । ଆଃ-ଆଃ ପାଖକୁ ଆ ।" ଖୁଡ଼ିମା' ଝଡ଼ୁକୁ ଫୁସୁଲେଇ ଡାକିଲେ ।

ଝଡ଼ୁବାଈ ସନ୍ଦିଗ୍ଧ ଭାବରେ ଖୁଡ଼ିମା'ଙ୍କୁ ନିରୀକ୍ଷଣ କଲା । ତାପରେ ମନେ ମନେ ଚିନ୍ତା କଲା—ଖୁଡ଼ିମା' ତାକୁ ଧରି ନେଇ ବିଛଣାରେ ଶୁଆଇ ରଖିବାର ଏ ଅଭିସନ୍ଧି ନୁହେଁ ତ । ନା, ନା, ଖୁଡ଼ିମା' ବଡ଼ ଭଲ ଲୋକ । ସେ ଇମିତି ବ୍ୟବହାର କଦାପି କରିବେ ନାହିଁ ।

ଝଡ଼ୁବାଈ ଅବଶେଷରେ ତାଙ୍କ ପାଖକୁ ଫେରି ଆସି ଅଧୀର ଭାବରେ କହିଲା, "କି ବୋଲୁଥିଲ ଖୁଡ଼ିମା' ।"

ଖୁଡ଼ିମାଙ୍କ ମୁହଁ ଲାଲ ଦିଶୁଥିଲା । ତାଙ୍କ ମୁଖ ମଣ୍ଡଳ ବଡ଼ ବିଷଣ୍ଣ ଓ ବିମଳିନ ଦେଖାଗଲା । ସେ ଝଣ୍ଟୁବାଇର ହାତ ଧରି ନିଜ କୋଳକୁ ଟାଣି ନେଇ ତାର ଗୋଲାପି ଗାଲରେ ଚୁମା ଖାଇ ଅତି ଦୁଃଖ ଓ ଉଦାସ କଣ୍ଠରେ ତାରି କାନେ କାନେ ବୋଇଲେ, "ଆଚ୍ଛା ଝଣ୍ଟୁ, ଏତେବେଳେ ତୋର କାକା କେଉଁଠି ଥିବେ କହି ପାରିବୁ ?"

ଝଣ୍ଟୁବାଇ ତାଚ୍ଛଲ୍ୟ ଭାବରେ ବୋଇଲା, "ଠିକ୍ କହି ପାରିବି ନାହିଁ । ବୋଧହୁଏ ସେ ବାହାର ବାରପଟ ଘରେ ଗଡ଼ ପଡ଼ ହୋଇ କିଛିତ୍ ବିଶ୍ରାମ କରୁଥିବେ । କାହିଁକି ଖୁଡ଼ିମା'—କେମିତି କିଛି ବିଶେଷ ଦରକାର ଥିଲେ ନଚେତ୍ ଯାଇ ଡାକି ଆଣିବି ?"

ଖୁଡ଼ିମା' ଆହୁରି ନମ୍ର ସ୍ୱରରେ ବୋଇଲେ, "ଆଚ୍ଛା, ତୁ ଯାଇ ଠିକଏ ଖବର ନେଇ ପାରିବୁ । କାହାରିକି କିଛି କହିବୁ ନା । ଖାଲି ଚୁପ୍‌କିନା ଯାଇ ଦେଖି ଆସିବୁ—ତୋର କାକା କେଉଁଠି ଅଛନ୍ତି ?"

—"ଆଚ୍ଛା ତେବେ ଯାଉଛି"—କହି ଝଣ୍ଟୁବାଇ ସେଠାରୁ ପ୍ରସ୍ଥାନ କଲା । ଏହି ସାମାନ୍ୟ ବିଷୟ ଭିତରେ ଏତେ ଗୋପନୀୟ କି ନିହିତ ଅଛି ସେ ବୁଝି ପାରିଲା ନାହିଁ ।

ବାହାରକୁ ଆସି ସେ ଦେଖିଲା—ବାହାର ଘରର ଏକ କୋଠରୀରେ ତକ୍ତାପୋଷ ଉପରେ ବିଛଣା ବିଛା ରହିଛି । ସେଥି ଉପରେ ଚିତ୍ ହୋଇ ଶୋଇ କାକା ବୈରାଗ୍ୟପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କରିଅଛନ୍ତି ଗୋଟାଏ ପ୍ରକାଣ୍ଡକାୟ କଡ଼ି କାଠ ଆଡ଼କୁ । ଝଣ୍ଟୁବାଇ ଦୂରେ ରହି

ଥର ଗୃହର ଦରଜା ସାମ୍ନାରେ ଏ ପଟେ ସେ ପଟେ ଘୁରି ଘୁରି କରି କାକାଙ୍କ ଅବସ୍ଥା ଭଲଭାବେ ନିରୀକ୍ଷଣ କରିବାକୁ ଲାଗିଲା । ତଥାପି କାକାଙ୍କର ଧ୍ୟାନଭଙ୍ଗ ହେଲନାହିଁ । ସେ ତତ୍‌କ୍ଷଣା ଖୁଡ଼ୀମାଙ୍କୁ ଯାଇ ଖବରଟା ଦେଇ ଆସିବ ବୋଲି ଏକସ୍ଥାନରେ ଛିଡ଼ା ହୋଇ ଭାବୁଁ ଭାବୁଁ ଏହି ଅବସରରେ ତାର ପ୍ରିୟ କୁକୁର ବାଘା କୁଆଡ଼ୁ କ୍ଷିପ୍ର ଗତିରେ ଛୁଟି ଆସି ତାର ଯୁଗଳ ପାଦରେ ଗଡ଼ିବାକୁ ଲାଗିଲା ଏବଂ ତରୁଣ ଅପରିଣତ କଣ୍ଠରେ ଘେଉଁ ଘେଉଁ ଶବ୍ଦରେ ତାର ପ୍ରୀତି ଆନନ୍ଦ ଜ୍ଞାପନ କରିବାକୁ ଲାଗିଲା ।

ବାଘାର ବୟସ ତିନିମାସ ମାତ୍ର—ଦେହଟି ଅତିଶୟ କୃଶ ଓ ଦୁର୍ବଳ । ସେ ଯେ କାଳକ୍ରମେ ଭୟଙ୍କର ତେଜସ୍ୱୀ ବଳିଷ୍ଠ କୁକୁର ହୋଇ ପଡ଼ିବ, ଏ ବିଷୟରେ କେବଳ ଝଡ଼ବାଈର ମନରେ କୌଣସି ସଂଶୟର ସ୍ଥାନ ନ ଥିଲା । ବାଘାର ବେକରେ ବାନ୍ଧିବା ପାଇଁ ଗୋଟାଏ ବକଲସ୍ କିଣିଦେବା ଲାଗି ସେ ତାଙ୍କ ପରିବାରର ଦାସ ପୋଇଲଠାରୁଁ ଆରମ୍ଭ କରି କାକା-ଖୁଡ଼ୀମା, ମା-ବାପା ପର୍ଯ୍ୟନ୍ତ ଏକେ ଏକେ ସମସ୍ତଙ୍କୁ କାକୁତି ମିନତି କରି କହିଥିଲା । କିନ୍ତୁ କେହି ତାର କଥା ଏ ପର୍ଯ୍ୟନ୍ତ କର୍ଣ୍ଣପାତ କରି ନାହାନ୍ତି ।

ବାଘାର ଘେଉଁ ଘେଉଁ ଶବ୍ଦ ଓ ଝଡ଼ବାଈର ଏମିତି ଭାବରେ ସେଠି ଚଲାଫେରା କରିବାରେ କାକାଙ୍କର ଧ୍ୟାନଭଙ୍ଗ ହେଲା । ସେ ତାଙ୍କର ବିରକ୍ତି ପୂର୍ଣ୍ଣ ନାଲି ନାଲି ଆଖି ଦୁଇଟା କଡ଼କାଠ ଆଡ଼ରୁ ଫେରାଇ ଆଣି ଝଡ଼ବାଈ ଆଡ଼କୁ ନିକ୍ଷେପ କଲେ । ଝଡ଼ବାଈ ଦ୍ରୁତ ଗତିରେ ବାଘାକୁ ନେଇ ସେଠାରୁ ପ୍ରସ୍ଥାନ କଲା ।

ବାଘା ଦୀର୍ଘକାଳ ପରେ ପ୍ରଭୁର ସାକ୍ଷାତ ଲାଭ କରିଛି । ତାର କ୍ଷୀଣ ଶରୀରରେ ତେଣୁ ଏତେ ଆନନ୍ଦ ଧରୁ ନ ଥିଲା । ସେ ଥରେ ବାଗାନ ଆଡ଼କୁ ଛୁଟି ପଳାଇ ଯାଏ, ପୁଣି ଦ୍ରୁତ ଫେରି ଆସି ଧଣ୍ଡବାଇର ଯୁଗଳ ପଦ୍ମରେ ଥାବା ରଖି ଆଗ୍ରହଭରେ ତାର ଯିବା ପଥକୁ ଚାହିଁ ରହେ । ଅର୍ଥାତ୍ ତାର ଆନ୍ତରିକ ଉଦ୍ଦେଶ୍ୟଟା ହେଉଛି—"ଚାଲ ନା, ଥରେ ବାଗାନ ଆଡ଼ୁ ବୁଲି ଆସିବା । ଏମିତି ଦ୍ୱିପ୍ରହରଟାରେ ନିଦ୍ରୋଳରେ ଘରେ ଶୋଇ ରହିବାଟା କି ତୋତେ ଭଲ ଲାଗୁଛି । ଚାଲ, ଚାଲ, ବାଗାନର ସୁଶୀତଳ ଛାୟାରେ, ମନୋରମ ପୁଷ୍ପକୁଞ୍ଜର ଉଦ୍ୟାନରେ ଖେଳା ଖେଳି କରି ମହା ମଉଜରେ ଧୁମ୍ ଦ୍ୱିପ୍ରହରଟା କଟାଇବା !"

ଧଣ୍ଡବାଇ କଥଞ୍ଚିତ୍ ଇତସ୍ତତ କଲା । କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ବାଘାର ଆମନ୍ତ୍ରଣ ଅବହେଳା କରି ପାରି ନ ଥିଲା । ଖୁଡ଼ିମା'ଙ୍କ କାକାଙ୍କର ଖବରଟା ପରେ ଦେଲେ ବି ଚଳିବ । ଏତେ ଜରୁରୀ କି ଅବା ଥାଇ ପାରେ ? ବିଶେଷତଃ କାକା ବର୍ତ୍ତମାନ ସେମିତି କିଛି ବି କରୁ ନାହାନ୍ତି । ସ୍ଥିର ହୋଇ ଚିତ୍ ଭାବରେ ଅଉଜି ଶୋଇ ଅଛନ୍ତି ମାତ୍ର । ଏ ସମ୍ବାଦଟା ଦୁଇ ଘଣ୍ଟା ପରେ ଦେଲେ ବି ସେମିତି କିଛି କ୍ଷତି ହେବ ନାହିଁ । ଏମିତି ନାନା ଅଯଥା ଚିନ୍ତାର ମଧ୍ୟଦେଇ ଧଣ୍ଡବାଇ ବାଘାକୁ ସଙ୍ଗରେ ନେଇ ବାଗାନ ଆଡ଼କୁ ଚାଲିଲା ।

# ତୃତୀୟ ପରିଚ୍ଛେଦ

ଗୃହ ପାର୍ଶ୍ୱବର୍ତ୍ତୀ ବାଗାନଟି ବେଶ୍ ସୁବିସ୍ତୃତ ଓ ସୁବିନ୍ୟସ୍ତ । କାରଣ, ମାଳୀଙ୍କ ଦ୍ୱାରା ଏହା ଅତି ଯତ୍ନସଂରକ୍ଷିତ । ବାଗାନଟିର ମଧ୍ୟବର୍ତ୍ତୀ ସ୍ଥାନେ ସ୍ଥାନେ ଆମ୍ବ, ପଣସ, ଲିଚୁ, ମନ୍ଦାର, କଦଳୀ, ଗୁଁର, ସଇତମ୍ବା, ଜାମ ପ୍ରଭୃତି ଫଳ ଗଛମାନ ଓ ଗୋଲାପ, ଚନ୍ଦ୍ର ମଲ୍ଲିକା, ଗେଣ୍ଡୁ, ଗନ୍ଧଦନ୍ତ ମଲ୍ଲିକା ( ରଜନୀ ଗନ୍ଧା ), ଯୂଇ, ଜାଇ ପ୍ରଭୃତି ପୁଷ୍ପ କୁଞ୍ଜରେ ସାରା ଉଦ୍ୟାନଟି ଭରା । ସ୍ଥାନେ ସ୍ଥାନେ ଗୋଟିଏ ଦିଓଟି ଚନ୍ଦ୍ର ମଲ୍ଲିକା କର୍ଣ୍ଣଟି ମଥା ଟେକିଲା ପରି ଦୋହଲି ଦୋହଲି ନିଷ୍କଳଙ୍କ ଶୁଭ୍ରହାସ୍ୟ ହସୁଅଛି । ଗୋଲାପ ଗାଛ ଗୋଲାପୀ ଆଭା ବିକିରଣ କରି ଉଦ୍ୟାନର ଶୋଭା ବର୍ଦ୍ଧିତ କରୁଅଛି ।

କିନ୍ତୁ ଉଦ୍ୟାନର ଶୋଭା ଆଡ଼କୁ ଧଡ଼ିବାଙ୍କର ମୋଟେ ଦୃଷ୍ଟି ନ ଥିଲା । ତାହାର ହାତରେ ରହିଛି ତରବାରି, ପଶ୍ଚାତରେ ରହିଛି ପ୍ରିୟ ଅନୁଚର ବାଘା । ସେ ଏଡ୍‌ଭାନ୍ ଗୁରର ଅନ୍ୱେଷଣରେ ଧାଇଁଛି । କିନ୍ତୁ ହାୟ, ଏହି ଫୁଲର ମରୁଭୂମିରେ ଆଡ୍‌ଭେନ୍‌ଗୁର୍ ସେ ଖୋଜି ପାଇବ—ବା କେଉଁଠୁ ? ବିମର୍ଷ ଭାବରେ ଧଡ଼ିବାଙ୍କ କେତେ ଗୁଡ଼ିଏ ଡେଙ୍ଗ ଛିଣ୍ଡାଇ ଆଣି ଫୁଲର ପାଖୁଡ଼ା ଗୁଡ଼ି ଖଣ୍ଡ କରି ଚତୁର୍ଦ୍ଦିଗରେ ବିକ୍ଷିପ୍ତ କରିଦେଲା ।

କିନ୍ତୁ ଐକାନ୍ତିକ ଇଚ୍ଛାଥିଲେ ଜଗତରେ କୌଣସି ଜିନିଷ ଦୁଷ୍ପ୍ରାପ୍ୟ ହୁଏ ନାହିଁ । ଶତ୍ରୁ ବି ଅକସ୍ମାତ୍ ଆସି ଦେଖାଦିଏ । ଅବଶ୍ୟ କଳ୍ପନାର ଜୋର ଥିବା ଦରକାର । ଧଡ଼ିବାଙ୍କ ଶତ୍ରୁ ଅନ୍ୱେଷଣରେ ଘୂରୁଁ ଘୂରୁଁ ହଠାତ୍ ଏକ ଚନ୍ଦ୍ର ମଲ୍ଲିକା ଗଛ ସାମନାରେ ଆସି ପହଞ୍ଚି ଗଲା । ଗାଢ଼ ଲୋହିତ ରଙ୍ଗର ଚନ୍ଦ୍ର ମଲ୍ଲିକା ଗୋଟାଏ ଗୋଟ

ଗଛରେ ଭରା ଦେଇ ସଗର୍ବରେ ମୁଣ୍ଡ ଟେକି ରହିଅଛି । ଧଞ୍ଜବାଜ କଳ୍ପନାର ଚକ୍ଷୁରେ ଦେଖିବାକୁ ପାଇଲା, ଏତ ଚନ୍ଦ୍ର ମଲ୍ଲିକା ନୁହେଁ —ମହାପାପିଷ୍ଠ ଜମିଦାର । ଏହାର ଅତ୍ୟାଗ୍ରହରେ ଉଦ୍ୟାନର ଅନ୍ୟ ସମସ୍ତ ଫୁଲ ଭୟରେ କେଉଁ ଅଡ଼େ ଲୁଚି ଛପି ରହିଛନ୍ତି । ତାହାର ରକ୍ତ ଚକ୍ଷୁ ସାମନାରେ ଅଦୂର ବର୍ତ୍ତିନୀ ଗଜଦନ୍ତୀ ଭୂଲୁଣ୍ଠିତା ବନ୍ଦିନୀ ତରୁଣୀ ପରି ମ୍ରିୟମାଣ ହୋଇ ପଡ଼ିଅଛି ।

ଉତ୍ତେଜନାର ସେହି ଚରମ ମୁହୂର୍ତ୍ତରେ ଧଞ୍ଜବାଜର ଆଖି ଦୁଇଟା ଜଳ ଜଳ କରି ଜ୍ୱଳି ଉଠିଲା । ସେ ଶତ୍ରୁକୁ ସାବଧାନ କରିବା ପାଇଁ ଏବଂ ସାବଧାନ ନ ହେଲେ ମୃତ୍ୟୁ ମଧ୍ୟ ସୁନିଶ୍ଚିତ, ଏ କଥା ସ୍ମରଣ କରାଇବା ପାଇଁ ଶତ୍ରୁର ଚତୁର୍ଦ୍ଦିଗରେ ପ୍ରଦକ୍ଷିଣ କରିବାରେ ଲାଗିଲେ । କିୟତ୍‌କ୍ଷଣ ସମାପନାନ୍ତେ ତରବାରି ଆସ୍ଫାଳନ କରି ଧଞ୍ଜବାଜ କଠୋର ସ୍ୱରରେ କହିଲା, "ଆରେ ନରାଧମ, ତୁହି ଜାଣୁ ନା ନାହିଁ—ମୁଁ କିଏ ? ମୁଁ ହେଉଛି ତୋର ଯମ—ଧଢ଼-ବାଜ ସର୍ଦ୍ଦାର ।"

ଏତେବଡ଼ ଦୁଃସମ୍ବାଦ ଶ୍ରବଣ କରି ସୁଦ୍ଧା ନରାଧମ ବିନ୍ଦୁମାତ୍ର ବିଚଳିତ ହେଲା ନାହିଁ । ଧଢ଼ବାଜ ପୁଣି ତର୍ଜନ ଗର୍ଜନ କରି କହିଲା— "ପାଜି, ଉଲ୍ଲୁ, ଗାଧ ! ତୋର ପୁଣି ଏତେ ସ୍ପର୍ଦ୍ଧା । ଏଇ ଦେଖ୍ ତୋର ମୁଣ୍ଡ କାଟି ପକାଇଲି ।" କହିବା ପରମୁହୂର୍ତ୍ତରେ ସେ ସବେଗରେ ତରବାରି ଚଳାଇ ଦେଲା ।

ଦେଖୁଁ ଦେଖୁଁ ଦୁର୍ବିନୀତ ନରାଧମର ମୁଣ୍ଡ ଛିନ୍ନ ହୋଇ ମାଟିରେ ଲୋଟି ପଡ଼ିଲା ।

ନଂ........
ତା........

ଧଢ଼ବାଇ···ଧଢ଼ବାଇ···ଧଢ଼ । ହଠାତ୍ ପଛଆଡ଼ୁ ଗମ୍ଭୀର ଅହ୍ୱାନ ଶୁଣି ଧଢ଼ବାଇର ସାନ ଚେତନାର ଉତ୍ତପ୍ତ ମୁହୂର୍ତ୍ତିକ ମଧ୍ୟରେ ହ୍ରାସ ପ୍ରାପ୍ତ ହେଲା । ସେ ସଭୟରେ ଘୁରି ପଛ ଅନାଇ ଦେଖିଲା —କାକା । କାକାଙ୍କର ବୈରାଗ୍ୟ ପୂର୍ଣ୍ଣ ଲଲାଟରେ ବୈଶାଖୀ ମେଘର ଭ୍ରୂକୁଟୀ । ସେ ମୃଦୁ ମନ୍ଥର ପଦ ବିକ୍ଷେପରେ ଆସୁଥିଲେ ।

ବାଘ ଭାଇଙ୍କ ଆଗମନର ପ୍ରଥମ ଅଭାସ ପାଇଲା ବେଳରୁହିଁ ଠିକ୍ କାପୁରୁଷର ପରି ଆଗରୁ ସଙ୍କୁଚି ରହୁଥିଲା । ଉପାୟ ଥିଲେ ଧଢ଼ବାଇ ମଧ୍ୟ ଅପସରି ଯାଇଥାନ୍ତା । କିନ୍ତୁ କାକା ଏତେ ନିକଟରେ ଆସି ପହଞ୍ଚି ଯାଇଥିଲେ ଯେ ପଳାୟନର ଚେଷ୍ଟା ତା ନିକଟରେ ସେତେବେଳେ ବୃଥା ବୋଲି ଅଭିହିତ ହେଲା । କାଳ ବୈଶାଖୀର ଝଡ଼ ତାର ମଥା ଉପର ଦେଇ ବହିଯିବ ବୋଲି ତାହାର ଗ୍ଲାନି ଧଡ଼ାସ୍—ଧଡ଼ାସ୍ କଲା । କାକା ଆସି ନିକଟରେ ଉପସ୍ଥିତ ହେଲେ । ଧଢ଼ବାଇର ଶ୍ରବଣେନ୍ଦ୍ରିୟ ଧାରଣ କରି ସେ ବୋଇଲେ, "ଏ କଅଣ କଲୁ ଧଢ଼ ?"

ଧଢ଼ବାଇ କୌଣସି ଇଁ-ଚୁଁ ନ କରି ଚୁପ୍ ଥିଲା । ବାଗାନର ଫୁଲ ଛିଣ୍ଡାଇବାର ମନାଥିବା କଥା ସେ ବରାବର ଜାଣିଥିଲେହେଁ ଏବଂ ସାଧାରଣଭାବରେ ଏ ନିଷେଧ ମାନି ଆସିଥିଲେହେଁ ସେ ଆଜି ପୁଣି କେଉଁ ଖିଆଲରେ କେଉଁ ଦୁରନ୍ତ କର୍ତ୍ତବ୍ୟର ତାଡ଼ନାରେ ଏହି ଫୁଲକୁ ବୃନ୍ତଚ୍ୟୁତ କରି ଅଛି, ତାହା କି ପ୍ରକାରେ କେଉଁ କାରଣ ଆଗ ଦର୍ଶାଇ ଖୁଲ୍ଲତାତ ମହାଶୟଙ୍କୁ ବୁଝାଇବ । ଫୁଲଟିଏ ଯେ ଫୁଲ ନୁହେଁ—ଗୋଟିଏ ମହାପାପିଷ୍ଠ ନରାଧମ, ଏ କଥା କାକା ସତରେ କଅଣ ବୁଝିବେ ? ସମସ୍ତଙ୍କର କଳ୍ପନା ଶକ୍ତି ସମାନ ବି ତ

ନୁହେଁ । ଧଡ଼ବାଇ ଜାଣିନ୍ତା କାକା ନିଶ୍ଚୟ ବୁଝିବେ ନାଇ । କଥାରେ କହନ୍ତି, ଅରସିକେଷୁ ରସସ୍ୟ ନିବେଦନଂ—ତେଣୁ ନୀରବ ଥିବା ଶ୍ରେୟ ଭାବି ସେ ଚୁପ୍ କରି ଭୂମି ହୋଇ ଏକସ୍ଥାନରେ ଅଚଳଭାବରେ ଛିଡ଼ା ହୋଇଥିଲା ।

କାକା, ଧଡ଼ବାଇ ହାତର ତରବାରିଟା ସଜୋରରେ ଛଡ଼ାଇ ଦୂରକୁ ନିକ୍ଷିପ୍ତ କରି ବୋଇଲେ, "କାହିଁକି ଫୁଟନ୍ତା ଫୁଲଟିକୁ ଛିଣ୍ଡାଇଲୁ ?" ଧଡ଼ବାଇ ଏଥର ବି ଜବାବ ଦେଲା ନାହିଁ । କାକା ସେହିକ୍ଷଣି ତାହାର କାନ ଘୁଞ୍ଚି ଦେଇ ମୁଣ୍ଡର ଚୁଲ ମୁଠି ଧରି ଜୋର କରି ଥରକେତେ ହଲାଇ ଦେଇ ବୋଇଲେ, "ପାଜି—ଉଲ୍ଲୁ—ଗଧ ! କେତେଥର ତୋତେ ମନା କରିଛି ବାଗାନର ଫୁଲରେ ହାତ ଦେବୁ ନି ବୋଲି । କାହିଁକି ଏମିତି ଭାବରେ ଫୁଟନ୍ତା ଫୁଲଟି ଛିଣ୍ଡାଇଲୁ ?"

ବାର ବାର ସେହି ଏକ ପ୍ରଶ୍ନର ଗୁପରେ ଧଡ଼ବାଜ ଉତ୍ୟକ୍ତ ହୋଇ ଉଠିଲା । ତା' ଉପରେ ପୁଣି ମୁଣ୍ଡର ଚୁଲର ଯନ୍ତ୍ରଣା । କାକାର ବଜ୍ର ମୁଷ୍ଟି କ୍ରମେ କ୍ରମେ ଯେପରି ଦୃଢ଼ତର ହେଉଅଛି ଶେଷ ପର୍ଯ୍ୟନ୍ତ ହୁଏତ ତାର ମୁଣ୍ଡର ଚୁଲଗୁଡ଼ା କାକାର ହାତ ମୁଠି ଭିତରେ ରହିଯିବ କେଜାଣି । ଅଥଚ ଏଆଡେ ପୁଣି କାକାର ଢଙ୍ଗରଙ୍ଗ ଦେଖି ଯଥାର୍ଥ ମନେ ହେଉଅଛି ଯେପରି, ସେପରି କୌଣସି ସନ୍ତୋଷଜନକ ଉତ୍ତର ନ ପାଇଲେ କାକା ତାକୁ ସହଜରେ ଘୁଞ୍ଚା ବାଲା ନୁହନ୍ତି କିମ୍ବା ସହଜରେ ଶାନ୍ତ ହେବେ ନାହିଁ । ଯନ୍ତ୍ରଣା ଓ ଉଗ୍ର ପ୍ରଶ୍ନୋତ୍ତରର ତାଡ଼ନାରେ ଧଡ଼ବାଜର ମଥାରେ ଏକ ତୀକ୍ଷ୍ଣ ବୁଦ୍ଧିର ଗଜୁଡ଼ ଦେଖା ଗଲା । ସେ ସଜଳ ଆଖିରେ ଚିଁ ଚିଁ କରି ବୋଇଲା, "ଖୁଡ଼ୀମା'ଙ୍କ ପାଇଁ ଫୁଲ ତୋଳିଚି ।"

ଧଣ୍ଡବାଇର ଏ କଥା ଶୁଣି କାକାଙ୍କୁ ଇନ୍ଦ୍ରଜାଲ ବିଦ୍ୟାର ଚମତ୍କାର ଲାଗିଲା । ସଚକିତ ଭାବରେ କାକା ଧଣ୍ଡବାଇର ମୁଣ୍ଡର ଚୁଳ ଗୁଚ୍ଛ ଛାଡ଼ିଦେଇ ହତଚକିତ ହୋଇ ପଚାରିଲେ, "କଅଣ କହୁଛୁ ଧଣ୍ଡ ?"

ହଠାତ୍ ଏମିତ ପ୍ରଶ୍ନ ଶୁଣିବାକୁ ହେବ ବୋଲି ଧଣ୍ଡବାଇ ମୋଟେ ପ୍ରତ୍ୟାଶା କରି ପାରି ନ ଥିଲା । କିନ୍ତୁ ଯେଉଁ ପଥରେ ସୁଫଳ ଫଳିବାରେ ସେଇ ପଥ ଧରି ଆମର ଚାଲିବା କର୍ତ୍ତବ୍ୟ । ତେଣୁ ସେ ପୁନରାୟ ସେହି କଥାହିଁ ବୋଇଲା, "'ଖୁଡ଼ିମା'ଙ୍କ ପାଇଁ ଫୁଲ ତୋଳିଥିଲି ।"—କଥା ଶେଷ ନ କରି ଭୂପତିତ ଫୁଲଟି ସଯତ୍ନ ସହକାରେ ଭୂଇଁରୁ ଉଠାଇ ନେଇ ସେ ପୁଣି ଆରମ୍ଭିଲା—"'ଖୁଡ଼ିମା କହୁଥିଲେ କି...... ।"

—"କଅଣ କହୁଥିଲେ ଧଣ୍ଡ ?"—ଖୁଲ୍ଲତାତଙ୍କ ନଜରରେ ପଡ଼ିବାର ଇଚ୍ଛା ଧଣ୍ଡବାଇର ଆଦୌ ନ ଥିଲା, ଯେ ହେତୁ ମୋକାବିଲାରେ ମିଥ୍ୟା ଧରା ପଡ଼ିଯିବାର ଭୟର ବିଶେଷ ସମ୍ଭାବନା ରହୁଛି । କାରଣ ବୟସ୍କ-ପ୍ରାପ୍ତ ଲୋକମାନଙ୍କର ପ୍ରଧାନ ଦୋଷ ହେଉଛି, ସେମାନେ ପ୍ରତି କଥା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣ ନ ପାଇଲେ ହଠାତ୍ ଚିଡ଼ି ଯାଆନ୍ତି । କଳ୍ପନା ବୋଲି ଯେଉଁ ଗୋଟାଏ ଐଶ୍ୱରୀ ଶକ୍ତି ସେମାନଙ୍କ ମଥାର ମଗଜରେ ନିହିତ ଅଛି, ତାହାର ସଦ୍ ବ୍ୟବହାର କରିବାକୁ ସେମାନେ ଚାହାନ୍ତି ନାହିଁ । ଧଣ୍ଡବାଇ, କାକାଙ୍କର ପ୍ରଶ୍ନଟି ଏଡ଼ି ଦେଇ ବାଆଁରେଇ କହିଲା, "'ଖୁଡ଼ି ମା' ଫୁଲ ବଡ଼ ଭଲ ପାଆନ୍ତି । ରୋଜ୍ ରୋଜ୍ ତିନି ଚାରିଟା ପାଞ୍ଚଟା ପର୍ଯ୍ୟନ୍ତ ସେ ତାଙ୍କ କୁନ୍ତଳ କେଶ କବରୀରେ ଖୋସନ୍ତି ।"

ଖୁଲ୍ୟତାତ ଅବାକ୍ ହୋଇ ଛିଡ଼ା ହୋଇ ରହିଲେ । ଅଳ୍ପ କ୍ଷଣ ବିଳମ୍ବ ନ କରି ତାଙ୍କ ସାମ୍ନାରେ ଆସାମୀ ପରି ଛିଡ଼ା ହୋଇ ରହିବା ସମ୍ପୂର୍ଣ୍ଣ ଅନୁଚିତ ବୁଝି ଧଡ଼ବାଜ ପ୍ରସ୍ଥାନୋଦ୍ୟତ ହେଲା । ଚାଚା ଡାକିଲେ, "ଧଡ଼...ଶୁଣୁ ତ !"

ଧଡ଼ବାଜ ସେତେବେଳକୁ କିଛି ଦୂର ଚାଲି ଯାଇଥିଲା । ସେ ପଛକୁ ଫେରି ପଡ଼ି ବୋଇଲା, "ଆଉ ଶୁଣିବି କଅଣ ? ବୁଢ଼ୀମା' ତମକୁ ଡାକୁଥିଲେ । ତମେ କେଉଁଠି ଅଛ ଦେଖି ଆସିବା ପାଇଁ ମୋତେ ପଠାଇଥିଲେ ।" କହି ସାରି ସେ ଦ୍ରୁତ ପଦ କ୍ଷେପରେ ଚାଲିଲା ।

---

## ଚତୁର୍ଥ ପରିଚ୍ଛେଦ

ଉଦ୍ୟାନର ନୈଋତ କୋଣର ଗୋଟାଏ ବିଶାଳ ରସାଳ ଦ୍ରୁମର ନିମ୍ନତମ ଶାଖାରେ ଧଡ଼ବାଜର ସ୍ଥାୟୀ ଆଡ୍ଡା ଥିଲା । ସ୍ଥୂଳ ଶାଖାଟି ଭୂମିର ସାମନ୍ତରାଳରେ କାଣ୍ଡରୁ ବାହାରି ଆସିଛି । ବୃକ୍ଷର ପ୍ରାନ୍ତ ଭାଗର ଶାଖାରେ ବସି ଦୋହଲିଲେ ଶାଖାଟି ମନ୍ଦ ମନ୍ଦ ଦୋହଲେ । ଏହି ଶାଖାର ଘନ ପଲ୍ଲବିତ ପ୍ରାନ୍ତ ଭାଗର ଅଗରେ ବସି ଦୋହଲି ଦୋହଲି ବିଷୁବ୍‌ଧରାର ଧଡ଼ବାଜ ଭାବିବାରେ ଲାଗିଲେ । ବାପା ଏତେ-ବେଳ ପର୍ଯ୍ୟନ୍ତ କୁଆଡ଼େ ନିରୁଦ୍ଦେଶ୍ୟ ହୋଇଥିଲା । ବର୍ତ୍ତମାନ ଯେମିତି ବନ୍ଧୁ ହୋଇ ଜାହ୍ନୁ ଏମିତି ସୁବିଧ ସୁନାଟି ପରି ଲଞ୍ଜି ହଲାଇ ହଲାଇ ସେହି ଗଛ ତଳରେ ପହଞ୍ଚିଗଲା । ଧଡ଼ବାଜ ଥରକେତେ ଉତ୍କଣ୍ଠାପୂର୍ଣ୍ଣ ନୟନରେ ତାରି ଆଡ଼କୁ ଅନାଇଲା । କାରଣ, ସେତେବେଳେ ଏ ଅନୁଚରର ଶ୍ରିଛତା ତାହାର ହୃଦୟରେ ଦାରୁଣ ଆଘାତର ଶେଲ ବିନ୍ଧୁଥିଲା ।

ସେ ପୁଣି ନୂଆ କରି ଆଉଥରେ ଭାବିବାକୁ ଆରମ୍ଭ କଲା । ପ୍ରଦୀପର ନିମ୍ନରେ ରହିଛି ଅନ୍ଧକାର । ଦୁଷ୍ଟର ଦମନ ବ୍ରତ ଗ୍ରହଣ କରି ଧଡ଼ିବାଙ୍କ ଚତୁର୍ଦ୍ଦିଗରେ ଦୁଷ୍ଟ ଅନ୍ୱେଷଣ କରିବାରେ ବ୍ୟସ୍ତ । ଅଥଚ ଦୁଷ୍ଟ, ଅତ୍ୟାଚାରୀ, ଦୁର୍ବୃତ୍ତ ବୋଲିବାକୁ ଗଲେ ଯାହା କିଛି ବୁଝାଏ ସେ ସମସ୍ତର ମୂର୍ତ୍ତିମାନ ବିଗ୍ରହ ଧଡ଼ିବାଙ୍କର ସମ୍ମୁଖରେ ହାଜର । ଏତେକ୍ଷଣ ପର୍ଯ୍ୟନ୍ତ ଏହା ସେ ଖୋଜି ପାଇ ନ ଥିଲା କେଉଁ କାରଣରୁ ? କାକାଙ୍କ ପରି ମହା ପାପିଷ୍ଠ ନରାଧମ ସାରା ପୃଥିବୀରେ ଖୋଜିଲେ ଆଉ କେତୁଟା ଅବା ମିଳି ପାରନ୍ତେ ?

ଖାଲି ଅଜିର ଏଇ ଅନିର୍ବଚନୀୟ ଘଟଣା ପାଇଁ ନୁହେଁ, କାକା ଯେ ଜଣେ ଅବିମିଶ୍ର ପାଷଣ୍ଡ, ଏହା ତାର ଆଉ ଟିକିଏ ଆଗରୁ ଜାଣିବା ଖୁବ୍ ଉଚିତ ଥିଲା । ପ୍ରଥମତଃ ସେ ଡାକ୍ତର । ଡାକ୍ତରମାନେ ଯେ ଜାତିନିର୍ବିଶେଷରେ ବଦ୍ ପ୍ରକୃତିର ଲୋକ, ଏ କଥା ଶିଶୁ ସମାଜରେ କିଏ ନ ଜାଣେ ?—ଭଉଣୀ କୁମୁଦିନୀ ସୁଦ୍ଧା ଜାଣେ । ଧଡ଼ିବାଙ୍କର ସାମାନ୍ୟ ଟିକିଏ ପେଟ ବ୍ୟଥା, ଜ୍ୱର, କାଶ, କିମ୍ବା ସର୍ଦ୍ଦି ନ ହେଉଣୁ କାକା ତାହାର ସମସ୍ତ ପ୍ରିୟ ଖାଦ୍ୟ ଏକବାରେ ବନ୍ଦ କରିଦେଇ ଏମିତି ସବୁ କଡ଼ୁ, ତିକ୍ତ, କଷା ଉଜାତ ଔଷଧ ଓ ପଥ୍ୟର ବ୍ୟବସ୍ଥା କରନ୍ତି ଯେ ସେ କଥା ସ୍ମରଣ ମାତ୍ରକେ ଅନ୍ନ ପ୍ରାଶନର ଅନ୍ନ ଊର୍ଦ୍ଧ୍ୱଗାମୀ ହୋଇ ଅସେ । ତା ପରେ ସେ ପୁଣି ଜଣେ କଠୋର ବ୍ରହ୍ମଚାରୀ—ମୁଣ୍ଡରେ ଗୋଟାଏ ଅଧପାଚିଆ ଲମ୍ବା ଚୁଟି । ଭୋର ପାଞ୍ଚଟା ନ ବାଜୁଣୁ ସେ ଶଯ୍ୟା ତ୍ୟାଗ ସ୍ନାନାହ୍ନିକାଦି ସାରି ଦେବାର୍ଚ୍ଚନା ପାଇଁ ଦେବତା ମନ୍ଦିରରେ ପ୍ରବେଶି ଏମିତି ଜୋର ରଡ଼ରେ ଝଞ୍ଜାଳ, ଘଣ୍ଟାଦି ବଜାଇବାର ଅରମ୍ଭ କରନ୍ତି ଯେ, ପଲ୍ଲୀର ଚତୁଃସୀମା ମଧ୍ୟରେ ଆଉ କାହାରିକୁ ବେଶୀ କ୍ଷଣ ବିଛଣାରେ ପଡ଼ି ରହିବାକୁ ଭଲ ଲାଗେ

ନାହିଁ । ଅଗତ୍ୟା ଶଯ୍ୟା ତ୍ୟାଗକରି ଯିଏ ଯାର କାମଧନ୍ଦାରେ ଲଗି ପଡ଼ନ୍ତି ।

ଖାଲି ତାହାନୁହେଁ, ନବ ପରିଣୀତା ଖୁଡ଼ିମା'ଙ୍କ ସଙ୍ଗରେ ତାଙ୍କର ଦୁର୍ବ୍ୟବହାର ସ୍ମରଣ କଲା ମାତ୍ରକେ ତାଙ୍କର ନୈତିକ ଦୁର୍ଗନ୍ଧ ସମ୍ବନ୍ଧରେ ଆଉ ସନ୍ଦେହ ଥାଏ ନାହିଁ । ବିବାହ ପୂର୍ବରେ ତାଙ୍କ ପରିବାରର ସମସ୍ତଙ୍କ ସହିତ କାକାଙ୍କର ବାଦ-ପ୍ରତିବାଦ କଥା, ଅର୍ଥାତ୍ କଥା କାଟା-କାଟି, ବକା-ବକି ଯାହା କିଛି ଚାଲିଥିଲା ସେ ସମସ୍ତ ଧଡ଼ିବାଜର ମନେ ଅଛି । ସେ କଥା ଯାହା ହେଉ, ଶେଷ ପର୍ଯ୍ୟନ୍ତ କାକା ମୁହଁ ହାଣ୍ଡି ପରି କରି ବିଭା କରିବାକୁ ଗଲେ । କିନ୍ତୁ ବିଭା ସରିଲା ପରେ ଘରକୁ ଆସି ଗୃହର ଅନ୍ଦର ମହଲର ସଂସ୍ରବ ସେ ଏକବାରେ ତ୍ୟାଗ କରି ଅଛନ୍ତି । ଏହି କାରଣରୁ ଗୃହରେ ଅଶାନ୍ତିର ଶେଷ ନାହିଁ । ଧଡ଼ିବାଜର ମାଆଙ୍କ ସଙ୍ଗରେ କାକାଙ୍କର ପ୍ରାୟ ବରାବର ଅଶେଷ ବାକ୍ ବିତଣ୍ଡା ହୋଇଥାଏ । କାକା ବାୟୁ-ସ୍କୋପର ଦୁଷ୍ଟ ଜମିଦାର ପରି ତିର୍ଯ୍ୟକ୍ ହସ ହସି କୁହନ୍ତି, "ମୁଁ ତ ସବା ପହିଲ୍ଁ କହି ଦେଇ ଥିଲି !"

ଅଥଚ ଖୁଡ଼ିମା' ବଡ଼ ଭଲ ଲୋକ । ଏତେଦିନ କାଳ ଖୁଡ଼ିମା'ଙ୍କ ସଙ୍ଗରେ ଘନିଷ୍ଠ ଭାବରେ ମିଳାମିଶା କରି ଧଡ଼ିବାଜର ତାହା ବୁଝି-ବାକୁ ଆଉ ବାକି ନ ଥିଲା । ଲେବେନ୍‌ଚୁସ୍ କିଣିବା ପାଇଁ ପଇସାର ପ୍ରୟୋଜନ ହେଲେ ସେ ଚୁପି ଚୁପି ତାକୁ ପଇସା ଦିଅନ୍ତି । ଏମିତିକି ଚୋରିମାଲ ତାଙ୍କ ନିକଟରେ ଧଡ଼ିବାଜ ଗଚ୍ଛିତ ରଖିଲେ ଖୁଡ଼ିମା' କାହାରିକୁ କହନ୍ତି ନାହିଁ ଏବଂ ଦରକାର ବେଳେ ଯଥା ସମୟରେ ତାକୁ ସମସ୍ତ ମାଲ ପ୍ରତ୍ୟାର୍ପଣ କରି ଦିଅନ୍ତି । ବାପା ମା ଗାଳି

ଦେଖିଲେ କିମ୍ବା ମାରିଲେ ଧଙ୍ଗବାଜଙ୍କୁ ଖୁଡ଼ିମା' ନେଇ ଭୁଲାନ୍ତି ଏବଂ କେତେ କଅଁଳ ଖାଇବାକୁ ଦିଅନ୍ତି । ଏପରି ଗୁଣବତୀ ନାରୀ ଆଜି କାଲିକା ଯୁଗରେ ସହଜରେ କେଉଁଠୁ ମିଳିବ ? ଅନ୍ତତଃ ଧଙ୍ଗବାଜର ଜଣା ଶୁଣା ମଧ୍ୟରେ ଖୁଡ଼ିମା' ତାଙ୍କ ଘର ମଧ୍ୟରେ ସବୁଠାରୁ ଭଲ ଲୋକ ।

ଖୁଡ଼ିମା'ଙ୍କୁ କାକା ମହାଶୟ ଫେର୍ ଅବହେଳା କରନ୍ତି, ଘୃଣା ଚକ୍ଷୁରେ ବି ଦେଖନ୍ତି । ଖୁଡ଼ିମା'ଙ୍କୁ ଅବହେଳା କଲେ କିମ୍ବା ଘୃଣା ଚକ୍ଷୁରେ ଦେଖିଲେ ବି କୌଣସି କ୍ଷତି ଥିଲା ନାହିଁ । ସେ ଖୁଡ଼ିମା'ଙ୍କ ଉପରେ ସମୟ ଅସମୟରେ ଯେଉଁ ଅନ୍ୟାୟ ଉତ୍ପୀଡ଼ନ କରନ୍ତି ତାହା ବି ଧଙ୍ଗବାଜ ଅନୁମାନ କରନ୍ତି । ଇତିପୂର୍ବେ ଖୁଡ଼ିମା'ଙ୍କୁ ଦୁଇ ରାତ୍ରିର ହେବ ଶୁଣି ତଳେ ତକିଆ ନାକି ଉବୁଡ଼ି ହୋଇ ଶୋଇ ମୁହଁ ଗୁଞ୍ଜି ଗୁଙ୍କୁରି ଗୁଙ୍କୁରି କାନ୍ଦୁ ଥିବାର ଶୁଣି ଧଙ୍ଗବାଜର କେତେଥର ନିଦ୍ରାଭଙ୍ଗ ହୋଇଛି । ଅଜି ମଧ୍ୟ ଖୁଡ଼ିମା'ଙ୍କ ଢଳ ଢଳ ଚକ୍ଷୁଯୁଗଳରେ ଛଳ ଛଳ ଅଶ୍ରୁ ଦେଖା ଦେଇଛି । ତେବେ ଏ ସ୍ୱପ୍ନ କି ମିଥ୍ୟା-ଦୃଶ୍ୟ ବିଭୀଷିକା ? ଧଙ୍ଗବାଜର ଦୃଢ଼ ଧାରଣା ଜନ୍ମିଲା, କାକା ସୁବିଧା ପାଇଲେ ବୋଧହୁଏ ଏ କକ୍ଷ ଭିତରକୁ ପ୍ରବେଶ କରି ଖୁଡ଼ିମା'ଙ୍କ ନାକ ମୁଚୁଙ୍କି ଦେଇ ଖିପି ପଡ଼ିଥିବା କେଶକବରୀ ଜୋର୍‌ସରେ ଝିଙ୍କି ଦେଇ ଚାଲି ଯାଆନ୍ତି । ନଚେତ୍ ଅକାରଣରେ ଖୁଡ଼ିମା ଏତେ ଅବା କାନ୍ଦନ୍ତି କାହିଁକି ?

ଯେଉଁ ଦିଗ୍ ଦେଇ ଭାବିଲେ ବେଶ୍ ଜଣା ପଡ଼ନ୍ତା କାକାଙ୍କ ପରି ଦୁର୍ନୀତିପରାୟଣ ଦମନ ଯୋଗ୍ୟ ବ୍ୟକ୍ତି ଆଉ ବୋଧହୁଏ କେହି ନ ଥିବେ ?

କିନ୍ତୁ ବାବାଙ୍କୁ ଦମନ କରିବାର ଉପାୟ କଅଣ ? ତାଙ୍କୁ ଲୌହ ଶିକୁଳିରେ ବାନ୍ଧି ଗଛର ଡାଳରେ ଝୁଲାଇ ଦେବା ଅଥବା ତର-ବାରି ଦ୍ୱାରା ତାଙ୍କର ଶିରଚ୍ଛେଦ ସମ୍ଭବପର ନୁହେଁ । ବରଂ ବାବା ଚେଷ୍ଟା କଲେ ତାର ଜୀବନର ଯେତେ ସୁଖ ଶାନ୍ତିରେ ଚିରଦିନ ସକାଶେ ବାଧାବିଘ୍ନ ଆଣିଦେବେ । କ୍ରୁଧ ବାବା ହୁଏତ ବା ଧଞ୍ଜ-ବାଜକୁ ଚିର ଜୀବନ ଧରି ଭାତ ଡାଲି ପରିବର୍ତ୍ତରେ ଜଖୁଡ଼ାମନ୍ତ୍ର କମ୍ପା ବାଲି ପାଣି ପିଆଇ ରଖି ସୁତକ୍ତ ଔଷଧ ଖୁଆଇବାର ବ୍ୟବସ୍ଥା କରିଦେବେ । ସୁତରାଂ ଏମିତି କାର୍ଯ୍ୟରେ ହାତ ଦେବାର କଦାପି ଉଚିତ ହେବ ନାହିଁ ।

ଧଞ୍ଜବାଜ ଦୀର୍ଘକାଳ ବଦନ ମଣ୍ଡଳ କୁଞ୍ଚିତ କରି ଚିନ୍ତା କରିବାରେ ଲାଗିଲା । କିନ୍ତୁ ବାବାଙ୍କୁ ଜବତ୍ କରିବାର କୌଣସି ସହଜ ପନ୍ଥା ଆଉ ଆବିଷ୍କାର କରି ପାରିଲା ନାହିଁ । ତଦନନ୍ତର ସେ ବୃକ୍ଷଶାଖାରୁ ଅବତରଣ କରି ଚିନ୍ତାକୁଳ ଚିତ୍ତରେ ଧୀରେ ଧୀରେ ଗୁମ୍ଫାଭିମୁଖରେ ଅଗ୍ରସର ହେବାକୁ ଲାଗିଲା । ବାବା ଏତେବେଳ ପର୍ଯ୍ୟନ୍ତ ବୃକ୍ଷ ଛାୟାରେ ଲମ୍ବମାନ ହୋଇ ନିଦ୍ରାସୁଖ ଉପଭୋଗ କରୁଥିଲା । ଚିତ୍-କନା ଉଟିପଣ୍ଡ ଅଙ୍ଗ ପ୍ରତ୍ୟଙ୍ଗ ମୁଡ଼ଭାଙ୍ଗି ହୋଇ ଖାଡ଼ଙ୍କୁଡ଼ ହୋଇ ଆଳସ୍ୟ ଭଙ୍ଗୀରେ ବାବା ପ୍ରଭୁର ଅନୁଗାମୀ ହେଲା ।

ଚନ୍ଦ୍ରମଲ୍ଲିକା ଫୁଲଟି ଧଞ୍ଜବାଜର ହାତରେହିଁ ଥିଲା । ଅନ୍ୟମନସ୍କ ଭାବରେ ସେ ତାର କେତେ ଗୁଡ଼ାଏ ପାଖୁଡ଼ା ଛିନ୍ନ ଭିନ୍ନ କରି ପକାଇ ଦେଇଥିଲା । ତଥାପି ଫୁଲଟିର ସୌଷ୍ଠବ ଏକବାରେ ନଷ୍ଟ ହୋଇ ଯାଇ ନ ଥାଏ । ଘରକୁ ଫେରୁଁ ଧଞ୍ଜବାଜ କିୟତ୍ କ୍ଷଣ ବିଷାଦପୂର୍ଣ୍ଣ ନେତ୍ରରେ ଫୁଲଟିକୁ ଅନାଇ ରହିଲା । ତତ୍ପରେ ଅନିଚ୍ଛା ସତ୍ତ୍ୱେ ବୁଢ଼ିମାଙ୍କ ଶଯ୍ୟନ କକ୍ଷ୍ୟ ଅଡ଼କୁ ଗମନ କଲା ।

ପ୍ରକାଣ୍ଡ ଗୃହର ଚତୁର୍ଦ୍ଦିଗରେ ସେତେବେଳେ ନୀରବ ଓ ନିସ୍ତବ୍ଧ ଆକାର ଧାରଣ କରିଛି । ବିଶ୍ରାମ-କାମୀଗଣ ବିଶ୍ରାମ କରୁଅଛନ୍ତି । ଖୁଡ଼ିମା'ଙ୍କ ଶୋଇବା ଘରର ଦରଜା ପାଖ ପର୍ଯ୍ୟନ୍ତ ପହଞ୍ଚି ଧଡ଼ିବାଇ ଥମକି ଠିଆ ହୋଇ ରହିଲା । ଏ କି କାହାର କଣ୍ଠସ୍ୱର ଶୁଣାଯାଏ ? କାକା ମୃଦୁ ଅଥଚ ଗମ୍ଭୀର ଉଦାସ-ଭରା କଣ୍ଠରେ କଥା କହୁଅଛନ୍ତି । ଧଡ଼ିବାଇ ଦରଜା ବାହାରେ କାନକୁ ଆଉଜି ରହସ୍ୟ ଶୁଣିବାରେ ଲାଗିଲା । କାକା କହୁ-ଥିଲେ, "ସାଂସାରିକ ହେବାପାଇଁ ମୋର ରୁଚି ନାହିଁ । ମୁଁ ଏକାକୀ, ନିଚ୍ଛଳରେ ରହିବାକୁ ଚାହେଁ । ଛୁଆକାଳରୁ ମୁଁ ପ୍ରତିଜ୍ଞା କରି ଆସିଛି—ସ୍ତ୍ରୀ ଲୋକର ସଂସ୍ପର୍ଶରେ ମୁଁ କଦାପି ଆସିବି ନାହିଁ । କାରଣ, ମୁଁ ପରିଷ୍କାର ବୁଝି ପାରିଛି, ଯେଉଁମାନେ ସ୍ତ୍ରୀର ପ୍ରଲୋଭନରେ ପଡ଼ି ଏ ସଂସାରକୁ କୁଣ୍ଢାଇ ଧରି ବସିଅଛନ୍ତି, ସେମାନଙ୍କ ଦ୍ୱାରା କଦାପି ଆଉ କୌଣସି ବଡ଼ କାର୍ଯ୍ୟ ହୋଇ ପାରିବ ନାହିଁ ।" କାକା କଥା ଶେଷ କରି ନୀରବ ହେଲେ । କିଛିକ୍ଷଣପରେ ଖୁଡ଼ିମା'ଙ୍କର ଅଶ୍ରୁରୁଦ୍ଧ ଅସ୍ପଷ୍ଟ କଣ୍ଠ ଶୁଣାଗଲା । ସେ କହୁଥିଲେ, "ତାହାହେଲେ ମୋତେ ହାତଧରି ବିବାହ କଲ କାହିଁକି ?"

କାକା ବୋଇଲେ, "ବଡ଼ ଭାଇ ଓ ଭାଉଜ ବୋହୂଙ୍କ ଅନୁରୋଧ ଉପେକ୍ଷା କରି ପାରିଲି ନାହିଁ । ତେଣୁ ବାଧ୍ୟ ହୋଇ ବିଭା କଲି । ସେମାନଙ୍କ ସଙ୍ଗରେ ଏହି ସର୍ତ୍ତ ହୋଇଥିଲା ଯେ ବିବାହ କଲେ ମୁଁ ସମ୍ପୂର୍ଣ୍ଣ ଖଲାସ । ତାପରେ ମୋର ଆଉ କୌଣସି ଦାୟିତ୍ୱ ଥିବ ନାହିଁ । କିନ୍ତୁ ବର୍ତ୍ତମାନ ଦେଖୁଛି ସେମାନେ ମୋତେ ଠକିଛନ୍ତି । ସର୍ତ୍ତର କଥା ବୋଧହୁଏ ସେମାନଙ୍କର ମନେ ନାହିଁ । ସେ କଥା

ଯାହା ହେଉ, ଗୋଟିଏ କଥା କିନ୍ତୁ ମୁଁ କହି ରଖେଁ, ଆଜ ତୁମେ ମଧ୍ୟ ମନେ ରଖ । ମୋହର ନିକଟରେ ତୁମର ଏ ଆତ୍ମ ନିବେଦନ, ଏ ଛଳନା ମାୟା, ମମତା, ସବୁ ସମ୍ପୂର୍ଣ୍ଣରୂପେ ମନରୁ ପୋଛି ଦିଅ କାରଣ ମୋ ନିକଟରେ ତୁମର କୌଣସି ଦିନ, କୌଣସି ମୁହୂର୍ତ୍ତରେ ସୁଦ୍ଧା କୌଣସି ପ୍ରୟୋଜନ ହେବ ନାହିଁ । ସୁତରାଂ ବୃଥାରେ ମୋତେ ଡାକାଡାକି କରି ଅକାରଣରେ ଆଉ ଉତ୍ୟକ୍ତ କରିବ ନାହିଁ ।"

ଖୁଡ଼ିମା ଉତ୍ତର ଦେଲେ, "ମୁଁ ତ ତୁମକୁ ଡାକି ନାହିଁ ।" ଧଡ଼ିବାଇ ଦେଖିଲା, କକାଙ୍କର ସେ ସ୍ଥାନ ତ୍ୟାଗ କରିବାର ବର୍ତ୍ତମାନ ସମୟ ଉପସ୍ଥିତ । ସେ ଧୀରେ ଧୀରେ ଅପସୃତ ହୋଇ ସେଠାରୁ ଚମ୍ପଟ ଦେଲା । କାକା ତାଙ୍କର ଗୋଟିଏ କଥାର ସୂତ୍ର ଧରି ଖୁଡ଼ିମାଙ୍କୁ ତିରସ୍କାର କରୁଅଛନ୍ତି । ବର୍ତ୍ତମାନ ହୁଏତ ସାକ୍ଷ୍ୟ ଦେବାପାଇଁ ଧଡ଼ିବାଇର ତଲବ ପଡ଼ିପାରେ । କାକାଙ୍କ ପରି ଦୁର୍ଜନ ନିକଟରୁ ବହୁ ଦୂରରେ ଥିବା ନିରାପଦ ।

ଧଡ଼ିବାଇ ଫେରି ଯାଉଥିବା ପଥରେ ଶୁଣିବାକୁ ପାଇଲା, ତାହାର ମାଆ ନିଜ ଘରୁ ବାହାରି କାକାଙ୍କୁ ଉଦ୍ଦେଶ୍ୟ କରି ବିସ୍ମୟ ଉତ୍ଫୁଲ୍ଲ କଣ୍ଠରେ କହୁ ଅଛନ୍ତି, "ମ-ଅ-ଲୋ—ମା । ଏ କିସ, ସନ୍ନ୍ୟାସୀ ଠାକୁର । ପସ୍ତୁରି ନାହିଁ ଉସ୍ତୁରି ନାହିଁ, ଧୂଳିକନା କବାଟ ଠେଲି ଏକବାରେ ନବ ପରିଣୀତା ବଧୂର ଘରେ ଆସି ହାଜର ଯେ । ଛିଃ, ଛିଃ, କି ଲାଜର କଥା ଲୋ ମା ।"

ବାହାର ବାରିପଟକୁ ଆସି ଧଡ଼ିବାଇ ଦେଖିଲା, ବାରି ସେ ପଟେ ବାରନ୍ଦାରେ ବସି ଗୁହର ଦାସୀ ଚମ୍ପି ଭୀଷଣ କୋଳାହଳ କରି ଏକ ମହା ଗଣ୍ଡଗୋଳ ଭିଆଇ ଦେଉଛି ଓ ଏକ ମୁଠା କଣ୍ଟାଖାଟ

ଝରି ବାଘାକୁ ଗୃହ ଅଡ଼େ ଖୋଜି ବୁଲୁଛନ୍ତି । ଚମ୍ପିକୁ ପଚାରୁ ସେ ବୁଝିଥିଲା ଯେ ଚମ୍ପି ଧୂପ୍ ଦ୍ୱି-ପ୍ରହର ଖରା ହେତୁ ଭଣ୍ଡାର ଘର ଭିତର କୋଠରୀରେ ଶୋଇ କଥାଁତ୍ ଅରାମ କରୁଥିବା କାଳେ ବାଘା କୁଆଡ଼ୁଁ ଆସି ସ୍ନେହଭରେ ଚମ୍ପିର ମେଲା ମୁହଁରେ ଝୁଲୁଥିବା ନାଲି ଜିଭଟାକୁ କଞ୍ଚା ମାଂସ ଭାବି କାମୁଡ଼ି ଦେବାରୁ ଚମ୍ପି ଭୀଷଣ ଚିତ୍କାର କରି ନିଦରୁ ଉଠି ପଡ଼ି ଅଳସ୍ୟ ଦେହରେ ନିଦର ଆଖିରେ ବାଘାର ଉଦ୍ଦେଶ୍ୟରେ ଯେଉଁ ସବୁ ବିଶେଷଣ ନିକ୍ଷେପ କରୁଅଛି, ତାହା ଶୁଣିଲେ ବୋଧହୁଏ କୁକୁର ବେଗୁର କଥା କି ଛାଡ଼, ତା ବାପା, ଅଜା, ପଣଅଜା ଚଉଦ ପୁରୁଷର ବି କର୍ଣ୍ଣେନ୍ଦ୍ରିୟ ଲାଲ ହୋଇ ଉଠିବ ।

ଝଡ଼ବାଉ ବି ନିଃଶବ୍ଦରେ ବାଘାକୁ ଖୋଜିବାରେ ଲାଗିଲା । ବାସ୍ତ-ବିକ୍ ଚମ୍ପିର ଜିଭ ଗୁଠି, ଗୁଠି କାମୁଡ଼ି ଦେଇଥିବା ହେତୁ ବାଘାର ଯେ ପୁରା ଅନ୍ୟାୟ ହୋଇଅଛି ଏଥିରେ ସନ୍ଦେହ ନାହିଁ । କିନ୍ତୁ ଜିଭ କାମୁଡ଼ି ଦେଲା ବୋଲି ଯେ, ଯେତେ ଦୋଷଟା ବାଘାର ଯା କଦାପି ହୋଇ ପାରେ ନା । ଚମ୍ପି ମୁହଁ ମେଲା କରି ଅଁ ହୋଇ ଶୁଏ କାହିଁକି ? ଅତ ବାଘାର ବେକରେ ଗୋଟାଏ ଚମଡ଼ାର ବକଲସ୍ ଥିଲେ ତ ଏମିତି ଅସ୍ୱାଭାବିକ ଦୁର୍ଘଟଣା ଘଟି ପାରନ୍ତା ନାହିଁ । ବାଘାକୁ ଦରକାରବେଳେ ଖୁଣ୍ଟରେ ବାନ୍ଧି ରଖି ପାରି ଯାଆନ୍ତା । ଦୋଷ ବାଘାର ନୁହେଁ । ଦୋଷ ହେଉଛି ଏ ଘରର ଯେତେ ଲୋକମାନଙ୍କର । ସେମାନେ କାହିଁକି ଗୋଟାଏ ବକଲସ୍ କିଣି ଦେଉ ନାହାନ୍ତି ?

ଝଡ଼ବାଉ ଖୋଜି ଖୋଜି ଅସି ତାହାର ଘରେ କାକାଙ୍କ ତକ୍ତ-ପୋଷର ତଳ ଦେଶରେ ବାଘାକୁ ପାଇଲା । ବାଘା ନିଦରେ ଛଳନା

କର ଗୋଟିଏ ଅକ୍ଷି ଈଷତ୍ ଖୋଲି ମିଟି ମିଟି ଗୁହୁଁ ଥିଲା । ଧଣ୍ଡ-ବାଜକୁ ଦେଖି ଥରଥର୍ ହୋଇ ଉଠି ପଡ଼ିଲା ।

ଧଣ୍ଡବାଜ ଜୋର୍‌ରେ ବାଘର କାନ ମୁଚୁଙ୍କି ଧରି ବୋଇଲା, "ତୁ ଏତେ ପାଜିଟାଏ । ଚମିଁର ଜଉ କାମୁଡ଼ି ଦେଲୁ କାହିଁକି ?"

ବାଘ ବିନୀତ ଭାବରେ ଲାଞ୍ଜ ହଲାଇ ନିଜର ଅପରାଧ ସ୍ୱୀକାର କଲା । ଧଣ୍ଡବାଜ ଧମକ୍ ଦେଇ କହିଲା, "ଚୁପ୍, ଚୁପ୍—ଅଜ୍ଞ ଖେଚର ମଜା ଭାଙ୍ଗି ଦେଉଛି । ଆଜିଠାରୁ ତୋର ବେକରେ ଲୁହା ଶିକୁଳି ଝୁଲାଇ ବାନ୍ଧି ରଖିବି ।"

ବାଘ ପୁଚ୍ଛ ସ୍ପନ୍ଦନରେ କାତରତା ଜ୍ଞାପନ କଲା ।

ଧଣ୍ଡବାଜ କିନ୍ତୁ ଶାସନ କରିବାରେ ଖୁବ୍ କଠୋର । ଖୁଡ଼ିମା'ଙ୍କର ଛିଣ୍ଡା ଶାଢୀର ୩ ହାତ ତନ୍ତିର (ଧୋଡ଼ି) ସେ କୌଣସି କାର୍ଯ୍ୟ ପାଇଁ ସଂଗ୍ରହ କରିଥିଲା, ବର୍ତ୍ତମାନ ତାହା ବାହାର କଲା । ସେଇଟା ବାଘର ବେକରେ ବାନ୍ଧିବାକୁ ଯାଉଁ ଯାଉଁ ଠିକ୍ ସେତିକିବେଳେ କାକାଙ୍କ ବଇଠା ଉପରେ ତକିଆ ପାଖରେ ଗୋଟିଏ ଜିନିଷ ଦେଖି ତାହାର ଚକ୍ଷୁ ପଲକହୀନ ହୋଇଗଲା । କାକାଙ୍କ ହାତବନ୍ଧା ଘଣ୍ଟା ରହି-ଅଛି । ଘଣ୍ଟିରେ ଚମତ୍କାର ବକଲସ୍ ସଂଲଗ୍ନ । ବ୍ୟାଣ୍ଡ ସହ ରିଷ୍ଟ ଓ୍ୱାଚ୍ ସେ ଯେ କେବେ ଦେଖି ନାହିଁ ଏମିତି ନୁହେଁ, ଅନେକ ଥର ଦେଖିଛି । କିନ୍ତୁ ବର୍ତ୍ତମାନ ତାହାର ମୁଗ୍ଧ ନେତ୍ର ଏହି ଜିନିଷଟି ଉପରେ ନିଶ୍ଚଳ ହୋଇ ରହିଲା ।

ପାଦ ଟିପି ଟିପି ଅଗ୍ରସର ହୋଇ ଅତି ସନ୍ତର୍ପଣରେ ଧଣ୍ଡବାଜ ସୁନାର ଘଣ୍ଟା ଉଠାଇ ଆଣିଲା । ତା'ପରେ ଘଣ୍ଟାରୁ ବକଲସ୍‌ଟି

ପୃଥକ୍ କରିବାର ଚେଷ୍ଟା ଲଗାଇଲା । କିନ୍ତୁ ସେ କୃତକାର୍ଯ୍ୟ ହୋଇ ପାରିଲା ନାହିଁ । ତହୁଁ ଧଡ଼ିବାଜ ଥରକେତେ ଦରଜା ଆଡ଼କୁ ଲକ୍ଷ୍ୟ ରଖି ଘଡ଼ି ସନ୍ନ ଲଗିଥିବା ବକଲସ୍ ବାଘାର ବେକରେ ପିନ୍ଧାଇ ଦେଲା । ବାଘାର ବେକରେ ରଷ୍ଟ ବ୍ୟାଣ୍ଡ ଓ ଓ୍ୟାଚ୍ ମଣିଷ ବେକରେ ଉନସ୍ତ୍ରା ମାଧରେ ସୁବର୍ଣ୍ଣ ମୋହର ପିନ୍ଧିଲା ପରି ଶୋଭା ପାଇଲା । ଘଡ଼ିଟି ବାଘାର ଘନ ଲୋମରେ ଢାଙ୍କା ପଡ଼ିଲା । ଏଣୁ ତାହା ଆଉ ଦେଖା ଯାଉ ନାହିଁ । ଧଡ଼ିବାଜ ଅଗ୍ରହ କମ୍ପିତ ହସ୍ତରେ ଲଗାଇ ଘଡ଼ି ବକ୍‌ଲସରେ ବାନ୍ଧି ଅନିଚ୍ଛୁକ ବାଘାକୁ ବୋଷାର ଦୋଷାଦି ଘରୁ ପଦାକୁ ଆଣିଲା । ବାବା ସେତେବେଳ ପର୍ଯ୍ୟନ୍ତ ଫେରି ନ ଥାଆନ୍ତି । ବୋଧହୁଏ ମାଆଙ୍କ ସହିତ ଫେରି ତର୍କ କରୁଥିବେ । ଏହି ଅବସରରେ ଧଡ଼ିବାଜ ବାଗାନ ଅତିକ୍ରମ କରି ଏକାବେଳେ ରାସ୍ତାର ବାଙ୍କରେ ଯାଇ ଉଠିଲା ।

---

# ପଞ୍ଚମ ପରିଚ୍ଛେଦ

ଧଡ଼ିବାଜ ଯେତେବେଳେ ଘରକୁ ପ୍ରତ୍ୟାବର୍ତ୍ତନ କଲା ସେତେବେଳେ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇ ଆସିଛି । ଭ୍ରମଣ ଫଳରେ ସାଧାରଣତଃ ନିଦ୍ରାର ଉଦ୍ରେକ ହୋଇଥାଏ । ଏଣୁ ତାକୁ ବେଶ୍ କ୍ଷୁଧା ବୋଧ ହେଉଥିଲା । ଧଡ଼ିବାଜ ବାଘାକୁ ଏକ ନିଭୃତ ସ୍ଥାନରେ ବାନ୍ଧି ଦେଇ ଘର ଭିତରକୁ ପ୍ରବେଶ କଲା ।

ଘରକୁ ପ୍ରବେଶ କଲା ମାତ୍ରକେ ମାଂସ ରନ୍ଧା ହେଉଥିବାର ସୁଗନ୍ଧ ତାର ନାସା ରନ୍ଧ୍ରରେ ପ୍ରବେଶି ତା ପାଟିରୁ ଅଧେ ଲାଳ ଗଡ଼ାଇ

ଦେଲା । ସେ ସଠାଙ୍କ ରନ୍ଧଣା ଘରେ ହାଜର ହୋଇ 'ମା' ବଡ଼ ଭୋକ କରୁଛି' କହି ଦେଇ ତେଣେ ନିଜେ ପିଢ଼ା ପାଣି ଠାଆ କରି ବସି ପଡ଼ିଲା । ମା ମାଂସ ଓ ରୁଟି ତା ହାତକୁ ବଢ଼ାଇ ଦେଲେ ।

ଅବଶ୍ୟ ମନରେ ଖାଉଁ ଖାଉଁ ଧଣ୍ଡବାଜ ଯେପରି ଶୁଣିବାକୁ ପାଇଲା ଘର ଭିତରୁ କି ଜରୁରୀ ଏମିତି କିଛି ଗୋଟାଏ ହୁଲସ୍ଥୁଲ କାଣ୍ଡ ଘଟି ଚହଳ ପଡ଼ିଛି । ସେ ଉତ୍କର୍ଣ୍ଣ ହୋଇ ଶୁଣିବାରେ ଲାଗିଲା । ଏଥର ସେ ଠିକ୍ ଠଉର କରିନେଲା । ଏକ ବିଭ୍ରାଟ ଅସି ଉପସ୍ଥିତ । କାରଣ କାକା ଚାକରମାନଙ୍କୁଁ ଧମକାଉଛନ୍ତି । ତା' ପରେ ଥରେ-ଥରେ ସୁନାର ହାତ ଘଡ଼ିଟା' ଆଓ୍ୟାଜଟା ବି ଶୁଣାଗଲା । ଧଣ୍ଡ-ବାଜର ଛାତି ଧଡ଼୍ ଧଡ଼୍ କରି ନାଚି ଉଠିଲା । ସତରେ ଯେମିତି ତା ଛାତିରୁ ରକତ ପଡ଼ିଲେ ଶୁଖି ଗଲା ନା କି ?

କିଂସ୍ମୃତ କ୍ଷଣ ଉତ୍ତାରେ ରମ୍ଭି ରନ୍ଧଣାଘର ଦୁଆର ପିଣ୍ଡି ଉପରେ ଆସି ବସିଲା । ଭାରି ଗଳାରେ ସେ ବୋଇଲା, "ଏହି ଯେ ଦର-ଓ୍ୟାନ ବୁଢ଼ା ବୁଲୁରୁ ସିଂ ତାରି ଏଇ ସବୁ କାଣ୍ଡ । ହଲପନ୍ କରି କହୁଛିଁ, ଏହାର ପିଛ ସତ ନ ହେଉ ପରେ ଝିଅନେବ ବଡ଼ ମା । ଏ ହତଭାଗ୍ୟ ବୁଲୁରୁ ବୁଢ଼ା ବ୍ୟତିରେକେ ଏତେ ଛାତି ଆଉ କାହାର ହେବ ? କି ଆଶ୍ଚର୍ଯ୍ୟ କାଣ୍ଡ ମା, ସାନ ବାବୁଙ୍କ ବିଛଣା ଉପରୁ ସୁନାର ଘଡ଼ି ହେଲା ଚୋରି । ମୁଁ ତ ସାନବାବୁଙ୍କ ଘରକୁ କେବେ ଯାଏଁ ନାହିଁ । ରନ୍ଧଣା ଘର ଓଳା-ନିଛା, ଲିପା-ପୋଛା କରେ । ବାସନ ପର ମଞ୍ଜାମୁଜା, ଲୁଗା କାଚୁକାଚି ସାରି ଘର ସବୁ ଓଳେଇବା ବେଳକୁ ବେଳ ପଡ଼ିଯାଏ । ମୁଁ ଅବା ସାନବାବୁଙ୍କ ଘରକୁ ଯିବାର ଫୁରସତ ପାଇବି କେଉଁଠୁ ? ଅଜିକୁ ଏଠାରେ ଅସି ଏଗାର ବରଷ ହେଲା କାମ ପାଇଟି କରୁଛି । କୌଣସି ଦିନ

କାହା ନିକଟରୁ କଣ କେବଳ ନେଇଛନ୍ତି ବୋଲି କେହି କହି
ପାରିବେ ନାହିଁ । ଏହା ସବୁ ସେଇ ଛତରଖିଆ ବୁଢ଼ୁରୁ ବୁଢ଼ାର
କାମ । ବୁଢ଼ାର ବୟସ ଏବେ ବେଶୀ ପାକଲ ହୋଇଛି ନା
ଏଣୁ ମରଣ ଦଶା ନିକଟରେ ଅସି ଯାଉଛି । ନହିଲେ ବୁଢ଼ା ସାନ
ବାବୁଙ୍କ ସୁନାର ଘଡ଼ିରେ ଫେର୍ ହାତ ଦିଅନ୍ତା ନା ?”

ବର୍ତ୍ତମାନ ବୁଢ଼ାର ସହ୍ୟତ ଚର୍ମର ଚରମ ଶନ୍ତା । ମା' ଉଦ୍ଧାକରା
କରୁଥିଲେ । ଚର୍ମର ସଫାଇ ଶୁଣିବାକୁ ପାଇଲେ ହେଁ, କୌଣସି
ଓଁ ଚୁଁ ଉତ୍ତର ଦେଇ ନ ଥିଲେ । ଧଡ଼ବାଙ୍କର ମୁହଁର ହାବଭାବ
ଦେଖି ମଧ୍ୟ ମାନସିକ ଅବସ୍ଥା ସହଜରେ ବୁଝା ପଡ଼ିଲା ନାହିଁ ।
କିନ୍ତୁ ସେତେବେଳେ ତାହାର ତଣ୍ଟିରେ ମାଉଁସ ହାଡ଼ ଖଣ୍ଡେ
ଅଟକି ଯିବାରେ ଲାଗିଲା । ସେ ଜରଜର ହୋଇ ଅତି କଷ୍ଟରେ
ଅଦ୍ଭୁତ କଣ୍ଠ ଖାଦ୍ୟ ଗଳାଧଃକରଣ କରି ଉଠି ପଡ଼ିଲା । ଥାଳୀରେ
ଥିବା ଉଚ୍ଛିଷ୍ଟ ମାଂସ ଓ ହାଡ଼ ପତ୍ର ଭବାରେ ପୂରାଇ ଧୀର
ସୁସ୍ଥରେ ରନ୍ଧଣାଶାଳରୁ ସେ ପଦାକୁ ବାହାରିଲା । ପ୍ରତ୍ୟହ ଦୁଇ
ଓଳି ନିଜର ଉଚ୍ଛିଷ୍ଟ ପ୍ରସାଦ ସେ ସ୍ୱହସ୍ତରେ ବାଘାକୁ ଦିଅନ୍ତା ।

ବାଘାକୁ ଖୁଆଉଁ ଖୁଆଉଁ ସେ ଶୁଣି ପାରିଲା, କାକାର କଣ୍ଠସ୍ୱର ଓ
ମେଜାଜ କ୍ରମେ ଉତ୍ତରୋତ୍ତର ବୃଦ୍ଧି ପାଉଅଛି । ସେ ପୁଲିସ
ଥାନାରେ ଏ କଥା ଇତଲା କରିବେ ବୋଲି ଚାକରମାନଙ୍କୁ ବଡ଼
ଧମକ ଦେଇ ଭୟ ଦେଖାଉଛନ୍ତି । ବାପା ମଧ୍ୟ ଏଥିରେ ଯୋଗ-
ଦାନ କରିଅଛନ୍ତି । ଚାକରମାନେ ଭୟରେ ଆତଙ୍କ ଓ ନିର୍ବାକ୍
ହୋଇଅଛନ୍ତି । ରହସ୍ୟ ଅତଶଯ୍ୟ ଗୁରୁତର ଆକାର ଧାରଣ
କରିଛି ।

ଧଡ଼ିବାଜ କର୍ତ୍ତବ୍ୟ ସ୍ଥିର କଲା । ବାଘର ଆହାର ଶେଷ ହେଲା ପରେ ସେ ତାକୁ ନେଇ ପାଦ ଚିପି ଚିପି ଅତି ସନ୍ତର୍ପଣରେ କାକାଙ୍କ ଘର ଆଡ଼କୁ ଅଗ୍ରସର ହେଲା । ସହର ଅଣ ବାରଧାରେ ବଡ଼ ହୁଲସ୍ଥୂଲ କାଣ୍ଡ ଘଟିଥିବା ହେତୁ ସବୁ ଚହଳ ପଡ଼ି ଯାଇଛି । କିନ୍ତୁ ଏ ପଟରେ କାହାରି ଦେଖାନାହିଁ । ଧଡ଼ିବାଜ ଏପଟ ସେପଟ ଥରେ ଭଲଭାବରେ ଅନାଇ ଦେଇ କାକାଙ୍କ କକ୍ଷରେ ପ୍ରବେଶ କଲା । ଘରଟି ଅନ୍ଧକାରମୟ । ଧଡ଼ିବାଜ ସେଇ ଝିଟିମିଟିଆ ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ବାଘ ବେକରୁ ଘଣ୍ଟି ଓ ବକଲସ୍ ଖୋଲି ପକାଇବା ପାଇଁ ବହୁତ ଚେଷ୍ଟା କଲା । କିନ୍ତୁ ବକଲସ୍‌ଟି ବାଘର ବେକରେ ଖୁବ୍ ଜୋରରେ ଖାପ୍ ଖାଇ ବସି ଯାଇ ଥିବାରୁ ଖୋଲି ହେଲା ନାହିଁ । ବାଘ ମାଂସ ଭାତ ଖାଇ ଖାଇ ଖୁବ୍ ମୋଟା ହୋଇଯିବାରୁ ବୋଧହୁଏ ଏପରି ଘଟିଛି । ଧଡ଼ିବାଜ ବହୁତ ଚେଷ୍ଟା ଚେଷ୍ଟା କରି ସୁଦ୍ଧା ବାଘ ବେକରୁ ବକଲସ୍‌ଟି ଆଉ ଖୋଲି ପାରିଲା ନାହିଁ । ଏଣିକି ସମୟ ଅତି ସଂକ୍ଷିପ୍ତ । ଏକ୍ଷଣି ହୁଏତ ଲୋକେ ଆସି ଘରେ ପ୍ରବେଶ କରିବେ ।

ଯଦି ଧଡ଼ିବାଜ କଅଣ କରିବାକୁ ହେବ ଭାବୁଛି, ଠିକ ଏହି ସମୟରେ ଅତି ସନ୍ନିକଟରେ କାକାଙ୍କର କଣ୍ଠ କଣ୍ଠସ୍ୱର ଶୁଣି ସେ ଚମକି ପଡ଼ିଲା । ସର୍ବନାଶ, ତାହାହେଲେ କଅଣ ହେବ ? ମୁହୂର୍ତ୍ତକ ମଧ୍ୟରେ ସେ ବାଘକୁ କାକାଙ୍କ ପଲଙ୍କରେ ଶୁଆଇ ଦେଇ ବିଛଣା ଚଦରଟି ଢାଙ୍କି ଦେଲା । ତା'ପରେ ସୁବିଧା କଣ ଝିଟିକିଟିଆ ଅନ୍ଧକାର ସ୍ଥାନରେ ଯାଇ ଚୁପ୍‌କିନା ଲୁଚି ରହିଲା ।

କାକାଙ୍କ ଏମିତି କହିଚାଲି । ତାଙ୍କ କିନ୍ତୁ ଘର ଭିତରକୁ ପ୍ରବେଶ ନ କରି ବାହାର ବାହାର ହୋଇ ଅନ୍ୟତ୍ର ଚାଲିଯାଇଥିଲେ ।

ଏଥରେ ଧଣ୍ଡବାଳର ସମସ୍ତ ସାହସ ହଠାତ୍ ତାକୁ ତ୍ୟାଗ କଲା । ତାହାର ଦମ ଯେପରି ଅଟକି ଯିବାରେ ଲାଗିଲା । ତତ୍ପର ବୁଦ୍ଧି ଅପାତ ଲେଭମ୍ମୀସ୍ତ କାର୍ଯ୍ୟ ହେଲେହେଁ ମନର ଶାନ୍ତି ବାଧାଯୁକ୍ତ ନୁହେଁ । କାକାଙ୍କର କଣ୍ଠ ସ୍ୱର କ୍ରମେ ଦୂରବର୍ତ୍ତୀ ହେବାରୁ ଧଣ୍ଡ-ବାଳ ଅନ୍ଧାର କୋଣରୁ ବାହାରି ପଡ଼ି କୌଣସି ଆଡ଼କୁ ଆଉ ଦୃକ୍ପାତ ନ କରି ଦ୍ୱିଧାସିଧା ଏକବାରେ ଚାଲିଲା ଖୁଡ଼ିମାଙ୍କର ଶୟନ କକ୍ଷକୁ । ଖୁଡ଼ିମା ଘରେ ଥିଲେ । ତାକୁ ଯୋତା ମୋଜା, ଗରମପୋଷାକାଦି ଖୋଲିବା ଦେଖି ଖୁଡ଼ିମା ପଚାରିଲେ, "କିରେ ଧଣ୍ଡ, ତୋତେ ପାଠ ପଢ଼ିବାକୁ କହିଥିଲି । ତୁ ପୁଣି ଏ କଅଣ କରୁଛୁ ? ଏତେ ମୁହଁ ସଞ୍ଜରୁ ଶୋଇବାକୁ ଯାଉଛୁ ଯେ—?"

—"ବଡ଼ ନିଦ ମାଡ଼ୁଛି ଖୁଡ଼ିମା"—ବୋଲି କହିଦେଇ ସେ ଖୁଡ଼ିମାଙ୍କ ପଲଙ୍କ ଉପରକୁ ଧଡ଼ ପଡ଼ ଉଠି ଯାଇ ସେଇଠି ଏ କାଣି ଯୋଡ଼ି ଘାଡ଼ି ହୋଇ ଶୋଇ ପଡ଼ିଲା ।

ସେତେଣେ କକାଙ୍କ ପଲଙ୍କ ଉପରେ ପରମ ତୃପ୍ତିର ସହିତ ବାଘା ମହା ଆରାମରେ ନିଦ୍ରା ଯିବାରେ ଲାଗିଲା ।

ଏଣେ ଧଣ୍ଡବାଳ ବି ନିଘୋଡ଼ ନିଦରେ ଶୋଇ ଘୁଙ୍ଘୁଡ଼ି ମାରିଲା । ପ୍ରାୟ ଦୁଇ ତିନିଘଣ୍ଟା ନିଦ୍ରା ଯିବା ପରେ ହଠାତ୍ ଏକ ବିକଟ ଗର୍ଜନ ଶୁଣି ଧଣ୍ଡବାଳର ନିଦ ଭାଙ୍ଗିଗଲା । ଖୁଡ଼ିମା' ରାତି ମଝିରେ ଖିଆ ପିଆ ସାରି ତା' ପାଖରେ ଶୋଇ ନଭେଲ ପଢ଼ୁ ଥିଲେ । ସେ ବି ଚମକି ଉଠିଲେ ।

ଘରେ ଆଲୁଅ ଜଳୁଥିଲା । ଧଣ୍ଡବାଳ ସେଜ ଭିତରୁ ମୁହଁ ବାହାର କରି ଦେଖିଲା କାକାଙ୍କର ରୁଦ୍ର ମୂର୍ତ୍ତିକୁ ପଲଙ୍କ ନିକଟରେ

ଦଣ୍ଡାୟମାନ । ସେହି ମୂର୍ତ୍ତିର ହାତରେ ରହିଛି ଏକ ପ୍ରକାଣ୍ଡ ବଂଶ ଦଣ୍ଡ । ଧଡ଼ବାଇ ଏ ସମସ୍ତ ପ୍ରଥମ ଦର୍ଶନରେ ବାସ୍ତବିକ୍ ବଡ଼ ଭୟ ପାଇଥିଲା । ତାପରେ ଗୋଟି ଗୋଟି ହୋଇ ସମସ୍ତ କଥା ତା ମନ ଗହନରେ ଅଲୋଡ଼ନ ହେଲା ।

ବାବା ଦାନ୍ତ ନିକୁଟି କହିଲେ, "ଧଞ୍ଜ—ଏଇ, ଧଡ଼ବାଇ ପାଜି, ଶୁଣିଲୁ । ଶୁଣ, ଭଲରେ କହୁଛି—ଶେଜ ଭିତରୁ ଅତିଶୀଘ୍ର ବାହାରି ଆସୁଛୁ କି ନାହିଁ ? ନଇଲେ ଏଇଲାଠିଗ ଦେଖିବୁ ?"

ଧଡ଼ବାଇର ମୁଣ୍ଡ ଏତେବେଳ ପର୍ଯ୍ୟନ୍ତ ଶେଜର ବାହାରେ ଥିଲା । ବର୍ତ୍ତମାନ ମୁଣ୍ଡଟା ଭିତରକୁ ନେଇ ସବୁ ଶରୀର ଶେଜରେ ଘୋଡ଼ାଇ ଦେଇ ସେ ଏକବାରେ ନାକ ଘଣ୍ଟର ଦେବାରେ ଲାଗିଲା । ସେ ବୁଢ଼ୀମାଙ୍କ ଆଣ୍ଠୁର ପାଖକୁ ଆଉଜି ନିଦ୍ରା ଯିବାରେ ଲାଗିଲା ।

ସେତେବେଳେ ରାତି ଦଶଟା ମାତ୍ର ହୋଇଥାଏ । ଧଡ଼ବାଇର ପିତାମାତା ଶୋଇବାକୁ ଗଲେହେଁ ନିଦ୍ରା ଯାଇ ନ ଥାନ୍ତି । ସେମାନେ ପାଟି ଶୁଣି ସେଠାକୁ ଧାଇଁ ଆସିଲେ । ମା ଭିତରକୁ ପ୍ରବେଶ କରି ପଚାରିଲେ, "ଘଟଣା କଅଣ ଭାଇ ?"

—"ଘଟଣା ଛାଇ, ଘଟଣା ଆଉ କଅଣ ହେବ । ଧଡ଼ିକୁ ବେଇଟି ପଦାକୁ ବାହାରି ଆସିବାକୁ କହୁଛି ।"—ବାବା ଆଖି ଲାଲକରି କହିଲେ ।

ମା ଶଙ୍କିତ ଭାବରେ ପଚାରିଲେ, "କଅଣ କରିଛି କି ଧଡ଼ି ?" ବାବା କ୍ରୋଧଭରରେ ହାତ ଦୁଇଟା କପାଳରେ ଠୁକି କହିଲେ, "କଅଣ କରିଛି ଶୁଣିବ । ସେଇ ଯେ ତାର ହାତଭଙ୍ଗା ବାଘ, ତାକୁ ନେଇ ଧଡ଼ି ମୋର ବିଛଣାରେ ଶୁଆଇ ରଖିଥିଲା । ଶୋଇବାକୁ

ଯାଇଁ ଦେଖେଁ ତ ସେଇ ଅଇଁଠା ଚଟା ପେଟ ସେଗା କୁକୁରଟି ବିଛଣାର ମୁଣ୍ଡଶାଳରେ ଥିବା ଶିମୁଳି ତୁଳର ନୂଆ ଓଅର ତକିଆଟା କାମୁଡ଼ି ଏକବାରେ ନଷ୍ଟ କରି ଦେଇଛି ଏବଂ ବିଛଣାରେ ମଳତ୍ୟାଗ କରି ବିଛଣା ସାରା ଏକବାରେ ଖରାପ କରି ଦେଇଛି ।"

ଘଟଣା ଶୁଣି ଧଡ଼ିବାଜର ମୁଣ୍ଡର ଚୁଳ ଗୁଛି ବି ଠାକୁରି ଗଲା । ସେ ବୁଢ଼ୀମା'ଙ୍କ କୋଳ ଭିତରକୁ ଅଜାଣ୍ଡି ଏକବାରେ ଥୁରୁ ଥୁରୁ କମ୍ପିବାରେ ଲାଗିଲା । ବୁଢ଼ୀମା'ଙ୍କ ସବୁ ଶରୀରଟା ବି କମ୍ପିଗଲା । ଏ ଘଟଣା ଶ୍ରବଣରେ ତାଙ୍କୁ ସେତେବେଳେ ହସ ମାଡ଼ୁଥିଲା । ସେ କୌଣସିମତେ ହସ ଚାପିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଏମିତି ଭୀଷଣ ବିଭ୍ରାନ୍ତିକ ପୂର୍ଣ୍ଣ ଭୟଙ୍କର ଘଟଣାରେ ବୁଢ଼ୀମା'ଙ୍କର ଏପରି ହସିବାର ରହସ୍ୟ ବା କାରଣ ନିଶ୍ଚିତ ଥାଇପାରେ ତାହା ଧଡ଼ିବାଜ ଠଉର କରି ପାରିଲା ନାହିଁ । ଗୁରୁ ଆହାର ଫଳରେ ବାଘା ସେ ଇମିତି ଅସମ୍ଭବ କମ୍ପିତ କିମାକାର କାଣ୍ଡ ଭିଆଇ ପାରେ ତାହା ଧଡ଼ିବାଜ ଦୁଃସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା ।

ବାବା ପୂର୍ବପରି କର୍କଶ କଣ୍ଠରେ କହିବାକୁ ଲାଗିଲେ, "ଖାଲି କଣ ତାହା, କୁକୁରଟିର ତଣ୍ଟି ଧରି ଖଟରୁ ଓହ୍ଲାଇବାକୁ ଯାଇଁ ଦେଖେ ତ ସେ ମୋର ପ୍ରିୟ ସଉଖିନ୍ ଉପଭୋଗ୍ୟ ସେହି ବିଷ୍ଣୁ-ଓ୍ୟାଚଟି ବେକରେ ପିନ୍ଧି ମହା ଆରାମରେ ପାଟିର 'ଚୁକୁ ଚୁକୁ' ଶବ୍ଦ କରୁଅଛି !"

ବୁଢ଼ୀ ଅଗଣାରେ ଛିଡ଼ା ହୋଇ ବାଘା ହୋ ହୋ କରି ହସି ଉଠିଲେ ଆଉ ମ ଅଙ୍କର କାଳ କଣ୍ଠ ସେଥି ସଙ୍ଗରେ ଯୋଗ ଦେବାକୁ ବାକି ପଡ଼ିଲାନାହିଁ । ଶେଜ ଭିତରେ ଥିବା ବୁଢ଼ୀମା'ଙ୍କ ସବୁ ଶରୀରଟା ଚାପା ହସର ଆବେଗରେ ଫୁଲି ଫୁଲି ଖାଲି ଉଠିଲା ଆଉ ପଡ଼ିଲା ।

ସେ ହସି ହସି ଏକବାରେ କୁତମାଡ଼୍ ।

କାକା କହିଲେ, "ହଁ, ତୁମମାନଙ୍କର ହସ ପାଉଛି । ମୁଁ ଇଆଡେ ମୋ ଅଫିସର ଇନ୍ସପେକ୍ଟରଙ୍କ ସାଥି ଘର ଦୁଆର ବାହାପିଣ୍ଡା ଭିତର ଖୋଜି ନ ପାଇ ବେସୁଝା ଗୁଣ୍ଡାମାନଙ୍କୁ ମାରିବା ଖାଲି ବାକି ରହି ଥିଲା । ଭାଗ୍ୟେ ଭାଗ୍ୟେ କାଳିଙ୍କର ବୋଉ ନେବାପାଇଁ ପୁଲିସରେ ଖବର ଦେଇ ନ ଥିଲି । ଖବର ଦେଇଥିଲେ ପୁଲିସ ଆସି ଦେଖନ୍ତା କୁକୁର ଦେହରେ ଘଣ୍ଟି ଝୁଲୁଛି । 'ଏ ସବୁ ହସ ଉଡ଼ାଇ ଦେବା କଥା ନୁହେଁ । ଫଣ୍ଡଧାଙ୍ଗିର ଏ ପାଗଳାମି ଆମର ବନ୍ଦ କରିବା ନିହାତି ଦରକାର ।"

ମାଆ ହସି ହସି ବୋଇଲେ, "ତା ବେଶ୍ କଥା ତ । କାଲିଠାରୁ ଫଣ୍ଡବାଜକୁ ଭଲ ଭାବରେ ଶାସନ କରନ୍ତୁ ନା ?"

କାକା ବୋଇଲେ, "ନା ଭାଉଜ ବୋହୂ, ସେମିତି କିପରି ହେବ । ତୁମେ ତାକୁ ଏଇକ୍ଷଣି ଶେଜ ଭିତରୁ ବାହାର କରିଦିଅ ଦେଖି । ତାର କହ୍ନାଡ଼ ପଶିଅଛି। ଏଇକ୍ଷଣି ଛଡ଼ାଇ ଦେଉଛି ।"

ମାଆ ମୁହଁରେ ଲୁଗା କାନି ଗୁଞ୍ଜି କହିଲେ, "ତମେ ତାକୁ କାହିଁକି ସଦାକୁ ବାହାର କର ଅଣୁନା ?"

—"ନା,ନା,ତମେ ତାକୁ ବିଛଣାଭିତରୁ ଘୋଷାରି ଆଣ । ତାପରେ ମୁଁ ପାରି ନେବି ଯେ "—କାକା କହିଲେ ।

—"ବିଛଣା ଛୁଇଁଲେ ତୁମେ ଜାତିମରା ହୋଇଯିବ ନା କଅଣ ?"
—ମା ବୋଇଲେ ।

ଦୁଆର ଭିତରକୁ ପଶି ଗୋଟାଏ ଗୋଡ଼ ଦ୍ୱାରବନ୍ଧରେ ରଖି କାକା ଛିଡ଼ା ହୋଇ ବୋଇଲେ, "କିନ୍ତୁ ମୋର ଖଟ ବିଛଣା ସବୁ ତ

କୁକୁରର ଭୋଗ ହେଲା । ମୁଁ ଆଜି ରାତିକି ଶୋଇବି କେଉଁଠି ?"
ମାଆ ପଚାରିଲେ, "ଶୀତ ବିଛଣା ସବୁ ସତରେ ନଷ୍ଟ ହୋଇ ଯାଇଛି ?

ବାବା ବୋଇଲେ, "ଖାଲି ସେତିକି,—ସେ ଗୃହରେ ଯେଉଁ ଦୁର୍ଗନ୍ଧ ଓ ମଇଳା ତାହା ଭେଦ କରି ସେ ଘରେ ପଶିବା ଏକ ପ୍ରକାରେ ଅସମ୍ଭବ ।"

ମା' ହସଭରା କଳକଣ୍ଠ ଗମ୍ଭୀର କରିବାର ବୃଥା ଚେଷ୍ଟା କରି ବୋଇଲେ, "ସତ କଥା, ସେ ସବୁ ନଷ୍ଟ ହୋଇଛି । କିନ୍ତୁ ଘରେ ତ ଆଉ ବିଛଣା ଚଦରଟିଏ ସୁଦ୍ଧା ଭଲ ନାହିଁ । ତେବେ ଏଇ ଘରେ ଯଦି ଶୁଅନ୍ତ...... ।"

ବାବା ବୋଇଲେ, "ଏତେ ରାତିରେ ଥଟ୍ଟା, ପରିହାସ, ବିଦ୍ରୂପ ଯା କିଛି କରୁଥାଅ ନା କାହିଁକି ଭଉଜ ବୋହୂ, ଏ ସବୁ ମୋତେ ଆଜି ଭଲ ଲାଗୁନି । ଅନ୍ତତଃ ଖଣ୍ଡେ ବିଛଣା ନଥିଲେ ଚଦର ଖଣ୍ଡେ ହେଲେ ଦିଅ । ଆଜି ରାତିକ କୌଣସି ମତେ ଆମ ବୈଠକ ଖାନାରେ ଶୋଇ ନଚେତ୍ କଟାଇ ଦେବି ।"

ମାଆ କହିଲେ, "ଆଉ ତ ଅଧିକା କିଛି ସେମିତି ନାହିଁ ।" ବାବା ପଚାରିଲେ,—"ନାହିଁ ।"

ମାଆ ବୋଇଲେ, "ସତରେ ନାହିଁ । ଖଣ୍ଡିଏ ଚଦର ଯଦି ଥିଲା ତମ କାନ୍ଧରେ ପକାଇ ଛିଣ୍ଡାଇଲ । ଶେଜ ତ ଅଧିକା ନାହିଁ ଜାଣ ।"

ବାବା ରାଗରେ ଗର ଗର ହୋଇ କହିଲେ, "ଅଚ୍ଛା ହେଉ, ନ ଦିଅ । ଅସଲ କଥା ହେଉଛି ତମ ଉଦ୍ଦେଶ୍ୟ ତମେ ପୂରଣ କରିବ ।

ଏଣୁ କିଛି ଥିଲେ ବି ନ ଦେବ ବୁଝୁଛି । ଗାଲି ସେଥିପାଇଁ ମୋର ଏହି ନାସ୍ତି କାଡିଟା ପ୍ରତି ଏତେ ବିଦ୍ରୁପ । ହେଉ ନ ଦିଅ, ମୋ ଦେହର ସେହି ଛିଣ୍ଡା ଚଦରଟି ଘଣ୍ଡାଘାଡ଼ି ହୋଇ ଯାଉଛି ହେଲେ ଶୋଇ ପଡ଼ିବି," ବୋଲିବା ପର ମୁହୂର୍ତ୍ତରେ ସେ ପ୍ରସ୍ଥାନୋଦ୍ୟତ ହେଲେ ।

ମା' ତାଙ୍କର ହାତ ଧରି ପକାଇ ବୋଇଲେ, "ଛିଃ ଭାଇ, ଏମିତି ଛୁଆଳିଆ ବୁଦ୍ଧି ନ ଶିଖି ଆଜି ଅନ୍ତତଃ ଏଇ କଥରେ ଆଶ୍ରୟ ନିଅ । ଯାଅ ଭାଇ, ଏମିତ ଟୁଟୁ ଟୁଟୁ ଶୀତରେ ଦେହରେ ଛିଣ୍ଡା ଚଦର ଘୋଡ଼ି ଶୋଇଲେ ଥଣ୍ଡା ବାଜିବ, ଶେଷରେ ଶରୀର ଅସୁସ୍ଥ ହେବ !"

—"ତା ହେଉ ପଛକେ । ସେଥିରେ ତୁମର ଭାବିବାର କଷଣ ଅଛି । ମୁଁ ପ୍ରଜା ଭୋଗିବି । ଛାଡ଼, ହାତ ଛାଡ଼ ।,"—ବାବା ଜବାବ ଦେଲେ ।

—"ଲକ୍ଷ୍ମୀ ଭାଇଟି ମୋର । ଯାଅ ମୋର ଅନୁନୟ ରଖ । ଆଜି ରାତିକ ହେଲେ ଏଠି ଶୁଅ । ମୁଁ ଧଡ଼ିକୁ ବରଂ ମୋ ବିଛଣାକୁ ନେଇ ଯାଉଛି "— ମାଆ କହିଲେ ।
—"ନା !", ବାବା ମୁଣ୍ଡ ହଲାଇଲେ ।

ମାଆ ପୁଣି ବାବାଙ୍କୁ ବୁଝାଇବାକୁ ଚେଷ୍ଟା କଲେ, "ତମେ ସବୁ ବିଷୟରେ ଏତେ ବୁଦ୍ଧିମାନ ବିଚକ୍ଷଣ । ଆଉ ଏ ସାମାନ୍ୟ ବିଷୟରେ ପୁଣି ଏତେ ଅବୁଝ । ଧର୍ମ କର୍ମରେ ତୁମର ଏତେ ନିଷ୍ଠା, ଅଥଚ, ଯାହାକୁ ମନ୍ତ୍ର ପଢ଼ି ହାତ ଧରି ବିବାହ କରିଛ ତାକୁ ଘୃଣା କଲେ ଯେ ପାପ ହୁଏ ଭାଇ, ଏହି ଛୋଟିଆ କଥାଟା ଆଜି ବୁଝି ପାରୁ ନ ।"

କାକା ବୋଇଲେ, "ସେଟା ମୋର ଦୋଷ ନୁହେଁ—ତୁମମାନଙ୍କର । ମୁଁ ବିବାହ କରିବାକୁ ଇଚ୍ଛା କରି ନ ଥିଲି, ଏ କଥା ତ ତୁମେ ସ୍ପଷ୍ଟ ଜାଣ ଭାଉଜ ବୋହୂ !"

ମାଆ କହିଲେ, "ବେଶ୍, ନଚେତ୍ ଦୋଷଟା ଆମମାନଙ୍କରହିଁ ବା ହେଲା । କିନ୍ତୁ ତା ବୋଲି ବୋହୂ ତ କୌଣସି ଦୋଷ କରି ନାହିଁ ।"

କାକା ଏ କଥାର କୌଣସି ଜବାବ ଦେଲେ ନାହିଁ । ହାତ ଦୁଇଟା ଭାଉଜ ବୋହୂଙ୍କ ମୁଠାରୁ ଜୋର 'ପୂର୍ବକ ଛଡ଼ାଇ ନେଇ ଦ୍ରୁତ ପଦରେ ସେ ସେଠାରୁ ପ୍ରସ୍ଥାନ କଲେ ।

କାକା ଚାଲି ଯାଇଥିଲେ । ମା' କିୟତ୍ କ୍ଷଣ ନୀରବ ହୋଇ ସେଇଠି ଛିଡ଼ା ହୋଇ ରହିଲେ । ତା'ପରେ ମାଆ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ବୋଇଲେ, "ବୀଣା, ତୁ ଏତେ ରାତ ଚେତା ରହିଛୁ ନାହିଁ ?"

ଖୁଡ଼ିମା' ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ମୃଦୁ କଣ୍ଠରେ ବୋଇଲେ, "କଅଣ କହୁଛ ଅପା ?"

ମାଆ କିଛି କହିଲେ ନାହିଁ । ଆହୁରି କିଛି ସମୟ ସେମିତି ଛିଡ଼ା ହୋଇ ଗୋଟାଏ ଗଭୀର ଦୁଃଖଭରା ଦୀର୍ଘ ନିଃଶ୍ୱାସ ଛାଡ଼ି ଧୀରେ ଧୀରେ ସେଠାରୁ ପ୍ରସ୍ଥାନ କଲେ ।

ଚତୁର୍ଦ୍ଦିଗରେ ଏମିତି ଦୀର୍ଘ ନିଃଶ୍ୱାସ ଛାଡ଼ିବା ଦେଖି ଝଡ଼ବାଳର କୈଳ୍ୟଭାବ ଭୀତିଟା ଅନେକ ପରିମାଣରେ କମିଗଲା । ସେ ଶେଜ ଭିତରୁ ମୁଣ୍ଡ କାଢ଼ି ଦେଖିଲା—ଖୁଡ଼ିମା ଆଲୁଅ ଅଡ଼କୁ ଅନାଇ

ରହିଛନ୍ତି । ତାଙ୍କର ସ୍ନିଗ୍ଧ ଆୟତ ଚକ୍ଷୁ ଯୁଗଳ ଛଳ ଛଳ ଅଶ୍ରୁରେ ସିକ୍ତ ।

ବାବାଙ୍କର ଏହି ନିଷ୍ଠୁର ଆଚରଣହିଁ ଖୁଡ଼ିମା'ଙ୍କ ଏହି ଅଶ୍ରୁଜଳର ହେତୁ—ଏଥିରେ କୌଣସି ସନ୍ଦେହ ନାହିଁ । ଧଡ଼ିବାଜ ବିଛଣାରୁ ଧଡ଼ପଡ଼ ହୋଇ ଉଠି ବସି ଆବେଗପୂର୍ଣ୍ଣ ସ୍ୱରରେ ବୋଇଲା,—"ଖୁଡ଼ିମା'........।"

ଆଖି ପୋଛି ଖୁଡ଼ିମା' ବୋଇଲେ, "କଅଣରେ ଧଡ଼ି ?"
ଧଡ଼ିବାଜ କହିଲା "ବାବା ଭଲ ଲୋକ ନୁହନ୍ତି । ସେ ନରାଧମ, ଠିକ୍ ନା ଖୁଡ଼ିମା' ?"

ଖୁଡ଼ିମା ନୀରବ ନିରୁତ୍ତର ରହିଲେ । ଧଡ଼ିବାଜ ପୁଣି ବୋଇଲା, "ବାବା କାହାରି କଥା ଶୁଣନ୍ତି ନାହିଁ । ମାଆଙ୍କର କଥା ଶୁଣନ୍ତି ନାହିଁ । ବାପାଙ୍କର କଥା ଶୁଣନ୍ତି ନାହିଁ । ଅଉ ତୁମର କଥା ବି ଶୁଣନ୍ତି ନାହିଁ । ସୁଯୋଗ ପାଇଲେ ମୋ ଉପରେ ସବୁ ଦୁର୍ନାମ ଝାଡ଼ନ୍ତି, କେତେ ବକାବକି, ଏମିତି କି ପିଠାମରା ପୁଢ଼ା କରନ୍ତି । ଏଣୁ ବାବା ନିଶ୍ଚୟ ନରାଧମ ଖୁଡ଼ିମା' ।"

ଖୁଡ଼ିମା' ଏଥର ବି ଉଁ ଚୁଁ କୌଣସି ପଦେ ଉତ୍ତର ଦେଇ ନଥିଲେ । ଧଡ଼ିବାଜକୁ ସେ କୋଳକୁ ଟାଣି ନେଇ ଭଙ୍ଗା ଭଙ୍ଗା ଗଳାରେ ବୋଇଲେ, "ଶୋଇପଡ଼ ଧଡ଼ି—ସୁନାଠା ପରି । ଅନେକ ରାତି ହେଲଣି, ଶୁଅ ବାପ ।"

ଧଡ଼ି ବିଛଣାରେ ପଡ଼ି ରହିଲା ସତ, କିନ୍ତୁ ଆଖିରେ ତାର ନିଦ ଆଉ ଆସିଲା ନାହିଁ । କାହିଁ ନିଦ ଉପରେ ବାବାଙ୍କର ଉଗ୍ର ଅଭି-

ମୁହୂର୍ତ୍ତିକ ପାଇଁ ସୁଦ୍ଧା ପଶ୍ଚାତ୍‌ମୁଖୀ ନୁହେଁ, ସେ ନିଃଶବ୍ଦ ପଦ କ୍ଷେପଣରେ ଘରୁ ବାହାରିଲା।

ସାରା ରାସ୍ତା ସେତେବେଳେ ସୁଦ୍ଧା ଅନ୍ଧାର। କୌଣସି ଅଦୃଶ୍ୟ ସ୍ଥାନରୁ ଗୋଟିଏ କ୍ଷୀଣ ଆଲୁଅର ମିଟି ମିଟି ରଶ୍ମି ପ୍ରତିଫଳିତ। ଯେପରି କିଏ ସେଠି ବସି ଆଙ୍ଗୁଳିରେ କାଅଣ ମଟ୍ ମଟ୍ ଶବ୍ଦ କରୁଅଛି। ଧଞ୍ଜରାଜର ଛାତି ଦୁରୁ ଦୁରୁ କରି ଉଠିଲା। ସେ ଗୁଜୁରା ହୋଇ କିଛି କ୍ଷଣ ସେଇଠି ଏକ ଅନ୍ଧକାର ସ୍ଥାନରେ ଛିଡ଼ା ହୋଇ ଅପେକ୍ଷା କଲା। ସେ ବୁଝିଲା ଶବ୍ଦଟା ଅପ୍ରାକୃତ ନୁହେଁ। ଦୁଆର ବନ୍ଧ କବାଟର ତକ୍ତାରେ କୀଟ କଟ୍ କଟ୍ କରି ଗର୍ତ୍ତ କରୁଅଛନ୍ତି ଓ ସେଥିର ଆଶପାଶରେ ଦୁଇ ଗୁଡ଼ିଏ ଜୁଳୁ ଜୁଳୁଆ ପୋକ ଜଳି ଜଳି କରି ଜଡ଼ ମିଳି ମିଳି ଆଲୁଅରେ କୀଟମାନଙ୍କ ପଥ ଦେଖାଇବାରେ ବ୍ୟସ୍ତ। ଧଞ୍ଜରାଜ ଧୀରେ ଧୀରେ ରୁଦ୍ଧ ନିଃଶ୍ୱାସ ମୋଚନ କଲା। କିନ୍ତୁ, ଭୟ ବସ୍ତୁଟା ଏମିତି ଯେ ବାସ୍ତବ ଅବାସ୍ତବର ଅପେକ୍ଷା କରେ ନାହିଁ। ଅନ୍ଧକାରରେ ନିଜର ପାଦର ଶବ୍ଦ ମଧ୍ୟ ଆତଙ୍କ ସୃଷ୍ଟି କରେ। ଧଞ୍ଜରାଜର ପ୍ରବଳ ଇଚ୍ଛା ହେଲା—ଫେରି ଯାଇ ପୁଣି ବିଛଣାରେ ଶୋଇ ପଡ଼ନ୍ତା କି—କାରଣ କାହାକୁ ଆଜି ଶାସନ କରିବାର ଦରକାର ନାହିଁ। କିନ୍ତୁ ପରମୁହୂର୍ତ୍ତରେ ସେ ଦାନ୍ତରେ ଦାନ୍ତ ଚାପି କଡ଼ମଡ଼ ଭାବରେ ମନେ ମନେ ଚିନ୍ତା କଲା—"ମୋର ନାମ ଧଞ୍ଜରାଜ ସର୍ଦ୍ଦାର। ମୁଁ କାହାକୁ ଭୟ କରେନି......।" ଏମିତି ଚିନ୍ତା କରୁଥିଲା ସିନା କିନ୍ତୁ ଏ ଅଟେଇ ଆଡ଼ି ଦୁଇଟା ଭୂତ ଭାବନାକୁ ବନ୍ଦ୍ କରି ଅନ୍ୟସ ଫେରି ଚାହିଁଲା। ନିତାନ୍ତ ପରିଚିତ ପଥ, ତେଣୁ କୌଣସି ଦୁର୍ଘଟଣା ଘଟିଲା ନାହିଁ। ଅବଶେଷରେ ଧୀର୍ ଧୀର୍ ଗତିରେ, କମ୍ପିତ ପଦକ୍ଷେପଣରେ ଆସି ସେ ଏକବାରେ ଦେବୀ ଠାକୁରାଣୀ ଘରର ଦ୍ୱାର ଦେଶରେ ହାଜର ହେଲା।

ଘର ଭିତରେ ମିଞ୍ଜି ମିଞ୍ଜି ହୋଇ ବତୀଟିଏ ଜଳୁଛି । ଧଡ଼ବାଜ ଦେଖିଲା, ଅପାଦ ମସ୍ତକ ସେହି ଲୁଣ୍ଠା ଦେହରଟିରେ ଘୋଡ଼ାଇ ହୋଇ କାକା ପ୍ରାୟ ବାସାର ପରି କୁଣ୍ଡଳିତ ହୋଇ ଶୋଇ ଅଛନ୍ତି । ଧଡ଼ବାଜ କାକାଙ୍କ ହାତରେ ହଲାଇ ଦେଇ ଡାକିଲା—"କାକା", କାକା ଚମକି ଉଠିଲେ "ଅଁ,—କିଏ ସେ ?"

ଧଡ଼ବାଜକୁ ଦେଖି ଧଡ଼ପଡ଼ ହୋଇ ଉଠି ବସି କାକା, ପଚାରିଲେ, "କିରେ ଧଡ଼ି, କଅଣ ହୋଇଛି କି ?—କଥା କଅଣ...?"

ଶୀତ ସଙ୍ଗତରେ ଅନ୍ୟାନ୍ୟ ମାନସିକ ଆବେଗ ମିଶ୍ରିତ ହୋଇ ଧଡ଼ବାଜର ସେତେବେଳେକୁ ଦାନ୍ତ ବାଦ୍ୟ ଆରମ୍ଭ ହୋଇ ଯାଇଥିଲା । ସେ ଶୀତରେ ଥରି ଥରି ସେମିତି ସେମିତି କହିଲା —, "କା-କା-କା, କାକିମାଙ୍କର ଶରୀର ବଡ଼ ଅସୁସ୍ଥ । ତ-ତ-ତ-, ତମେ ଚାଲିଲ ଶୀଘ୍ର"— "କଅଣ ହୋଇଛିରେ ?"--କାକା ବ୍ୟାକୁଳ ହୋଇ ପଚାରିଲେ । ଧଡ଼ବାଜ ମହା ବିପଦରେ ପଡ଼ିଲା । ରୋଗର ଲକ୍ଷଣ ସମ୍ବନ୍ଧରେ ସେ ଆଗରୁ ଚିନ୍ତା କରି ନ ଥିଲା, ଅଥଚ କାକା ଡାକ୍ତର । ତାଙ୍କୁ ବାଜେ କଥା କହି ପ୍ରତାରିତ କରି ହେବ ନାହିଁ । ପୂର୍ବେ ଥରକେତେ କାଳ୍ପନିକ ରୋଗର ଉଲ୍ଲେଖ କରି ସେ ଧରା ପଡ଼ି ଯାଇଛି ।

ହଠାତ୍ ତାହାର ଗୋଟାଏ ରୋଗର କଥା ମନେ ପଡ଼ିଗଲା । ମାତ୍ର ଦୁଇ ତିନି ପୂର୍ବରେ କୁମୁଦିନୀର ଏହି ରୋଗ ହୋଇଥିଲା । କୁମୁଦିନୀର ଯେ ରୋଗ ହୋଇଥିଲା ତାହା କାକିମାଙ୍କର ହେବାରେ ଅବଶ୍ୟ କୌଣସି ବାଧା ନାହିଁ, ବିଶେଷତଃ ଯେତେବେଳେ ଦୁହେଁ ଯାକ ସ୍ତ୍ରୀ ଜାତି ଅଟନ୍ତି । ଧଡ଼ି ଟିକେ ଢୋକି କହିଲା, "କାକିମା ଦାନ୍ତ କଡ଼ମଡ଼ କରୁଛନ୍ତି ।"

"ଡାକ୍ତର ଦେଖିସାରି କହୁଛନ୍ତି । ତାହାଙ୍କ ମତରେ ହିଷ୍ଟିରିଆ ନା କି ?—" କାକା ଭ୍ରୂକୁଞ୍ଚନ କରି ଅତି ଛିଡ଼ା ହୋଇ ପୁଣି ଭାବିଲେ, "ଏତେ ରାତିରେ ବିଚାର ନୁହେଁ । ଆଜି ରାତର ଏହି ସବୁ ବଖାବଖିର ଫଳ ହୁଏ ତ...,"

—"ଅଚ୍ଛା", କାକା ପୁଣି ପଚାରିଲେ, "ସେ ଆଉ କଅଣ କହୁଛନ୍ତି ?"

—"ଆଉ କିଛି ନୁହେଁ—ଶୋଇ ଅଛନ୍ତି ।" ଧଣ୍ଡ କହିଲା ।

—"ହୁଁ, ହିଷ୍ଟିରିଆହିଁ ହୋଇ ପାରେ ।"—, କାକା କହିଉଠି ଦ୍ୱିଧାରେ ପଶିଲେ ।

ଅନୁତପ୍ତ ମନୁଷ୍ୟ ନିକଟରେ କଠୋର ବୃଦ୍ଧସ୍ତ୍ରୀର ଆଜି ପରାଜୟ ହେଲା । କାକା ଅଲମାରିରୁ ଗୋଟାଏ ଟିପିସନ୍ ଔଷଧ ଶିଶି ବାହାର କରି ତାହା ସଙ୍ଗରେ ଧରି ସଂକ୍ଷେପରେ ବୋଇଲେ, "ଚାଲ ଯିବା ଧଣ୍ଡ...!"

ଧଣ୍ଡବାଜର ବୁକୁ ଭିତର ସେତେବେଳେ ଧଡ଼ାସ୍ ଧଡ଼ାସ୍ କରିବାରେ ଲାଗିଲା । କଠିନ ଓ ବିପଜ୍ଜନକ ବିସ୍ମୟ ଘଟଣୋନ୍ମୁଖ ହେଲେ ଏହିପରି ସମସ୍ତଙ୍କର ହୋଇଥାଏ । ସେ ନିଃଶବ୍ଦରେ କାକାଙ୍କର ଅନୁସରଣ କଲା ।

କାକା କାକିମାଙ୍କ ଘରକୁ ଗଲେ । ଦ୍ୱାର ଦେଶରେ ପହଞ୍ଚି ଟିକିଏ ଥମି ସେ ଭିତରକୁ ପ୍ରବେଶ କଲେ । ପଲଙ୍କ ପାଖରେ ଛିଡ଼ା ହୋଇ ରୋଗିଣୀର ଅନାବୃତ ମୁଖ ଆଡ଼କୁ ଚାହିଁବା ମାତ୍ରକେ ଏକ ଅଜ୍ଞାତ ପୂର୍ବ ମଧୁର ଅନୁଭୂତି ତାଙ୍କ ସର୍ବାଙ୍ଗ ଉପର ଦେଇ ବହିଗଲା । କିନ୍ତୁ ସେ ସେହିକ୍ଷଣି ମନକୁ ଯଥାଶକ୍ତି କଠିନ କରି ହସ୍ତସ୍ଥିତ ଶିଶିର ଠିପି ଖୋଲି ରୋଗିଣୀର ନାକ ପାଖରେ ଶୁଙ୍ଘାଇଲେ ।

କାକମା ଶବ୍ଦ ଉଠି ଚେତା ହେଲେ । ଠିକ୍ ଏହି ସମୟରେ ଦୁଆର କବାଟରେ ଶବ୍ଦ କିଧା ଖଟଖଟ ହୋଇ ଉଠିଲା  କାକା ମୁହଁ ଫେରାଇ ଦେଖିଲେ— ଦ୍ୱାର ରୁଦ୍ଧ ଏବଂ ଧଡ଼ିବାଜ ଘର ଭିତରେ ନାହିଁ ।

ସେ ଏକ ଲମ୍ଫ ଦେଇ ଦରଜା ଠିଙ୍କିଲେ, ଲାଥିଏ ଦୁଇ ଲାଥି ପର୍ଯ୍ୟନ୍ତ ମାଇଲେ । ଦରଜା ତଥାପି ଖୋଲିଲା ନାହିଁ । ବାହାର ଅଙ୍କୁ ଶିକୁଳି ଲଗିଛି । କାକା ଗମ୍ଭୀର ଗଳାରେ ଚିତ୍କାର କରି ବୋଇଲେ, "ଧଡ଼ି, ଧଡ଼ିବାଜ, ଶୀଘ୍ର ଦରଜା ଖୋଲ୍ ପାଜି । ନଇଲେ ଏଇକ୍ଷଣି ଦେଖିବୁ ମାଡ଼ରେ ପିଠି ଫଟାଇ ଦେବି—ଧଡ଼ି···ଧଡ଼ି··· !"

କିନ୍ତୁ ଧଡ଼ି ସେତେବେଳେ ବାପାଙ୍କ ଖଟରେ ପଡ଼ି ଥରକାନି ଶେଜ ଘୋଡ଼ାଘୋଡ଼ି ହୋଇ ଶୋଇ ନାକ ଘଣ୍ଟା ଦେଉଛି ।

ପରଦିନ ଭୋର ହେଉ ନ ହେଉଣୁ ଧଡ଼ିବାଜର ଘୁମ ଭାଙ୍ଗିଲା । ମାଆବାପା ସେତେବେଳ ପର୍ଯ୍ୟନ୍ତ ବିଛଣାରୁ ଉଠି ନ ଥିଲେ । ଧଡ଼ି-ବାଜ ଚୁପି ଚୁପି ଉଠି ପଦାକୁ ଆସିଲା । କାକମା'ଙ୍କ ଦୁଆରେ ସେମିତି ଭାବରେ ଶିକୁଳି ଲାଗି ରହିଛି । ଅର୍ଥାତ୍ କାକା ସାରାରାତି କାକମା'ଙ୍କ ଶୋଇବା ଘରୁ ବାହାରି ପାରି ନାହାନ୍ତି । ବିଜୟ-ଗର୍ବ ଉଲ୍ଲାସରେ ଧଡ଼ିବାଜ ସର୍ଦ୍ଦାରର ମୁହଁ ଉତ୍ଫୁଲ୍ଲ ହୋଇ ଉଠିଲା । ସେ ସ୍ୱଇଚ୍ଛାରେ ଥରେ ଭଲ କରି କିଛି ନୃତ୍ୟ ନାଚିନେଲା । ଭବିଷ୍ୟତରେ ତାହାର ଭାଗ୍ୟରେ ଯାହା ଅଛି ତାହା ତ ଘଟିବ । ତା ବୋଲି ବର୍ତ୍ତମାନର ବିଜୟୋଲ୍ଲାସ ତ ଆଉ ଦମନ କରି ରଖା ଯାଇ ପାରେ ନାହିଁ ।

କିନ୍ତୁ କାକା କିପରି ନିର୍ଯ୍ୟାତନା ଭୋଗ କରୁଅଛନ୍ତି । ତାହା ସ୍ୱଚକ୍ଷୁରେ ଦେଖିବାର ଲୋଭ ମଧ୍ୟ ସେ ସମ୍ବରଣ କରିପାରିଲା ନାହିଁ

ସେଇ ସୁଦ୍ର କ୍ଷୁଦ୍ର ପଥରେ ଯାଇ ଡେଁକ ମାରିଲା ।

ବୁଢ଼ାର ପାଖ ଝାଡ଼ୁରେ ଗୋଟାଏ କ୍ଷୁଦ୍ର କ୍ଷୁଦ୍ର
ଯାହା ଦେଖିଲା ସେଥିରେ ସ୍ତମ୍ଭିତ ଓ ଅସ୍ଥିର
ବସ୍ତୁ ଚମତ୍କାର କରି ଧଡ଼ିବାଳ ଅପସରି ଆସିଲା
ସଇଁ ହୋଇ ମାଆଙ୍କ ଘର ଅଗଣାକୁ ଫେରି ଆସିଲା
ହଲଇ ହଲଇ ଦେଖା କରୁଁ କରୁଁ ଉତ୍ତେଜନାରେ
ହଠାତ୍ ସେ କହି ପକାଇଲା, "ମା—ମା, ଆସ ଦେଖିବ, ବାବା ବାଇମା'ଙ୍କୁ ଘନ ଘନ ଚୁମା ଖାଉଛନ୍ତି, ଆଉ ବାଇମା' ବାବାଙ୍କ କୋଳରେ ଢଳି ପଡ଼ୁଛନ୍ତି ।"

ଧଡ଼ିବାଳ ମାଆଙ୍କ ପଣତ କାନି ଧରି ଟାଣି ଟାଣି ବାଇମା'ଙ୍କ ଖିଡ଼ିକି ଲାଗିଥିବା ଦ୍ୱାର ନିକଟକୁ ଆଣିଥିଲା । ମାଆ ଧଡ଼ିବାଳର ଏଇ ଅଭଦ୍ର ଅପ୍ରତ୍ୟାଶିତ ଘଟଣାରେ କୌତୁକ ଲଜ୍ଜା ପାଇ ଆପଣାକୁ ସଂଯତ କରି ଦେଇ ଦ୍ୱାରର ଖିଡ଼ିକି ଖୋଲି ଭିତରେ ଦେଖିଲେ ଧଡ଼ିବାଳର ବାବା ଓ ବାଇମାଙ୍କୁ ।

ମାଆଙ୍କ ଆଗମନରେ ଦୁହିଁଙ୍କ ଜୀବନର ନବ ଦାମ୍ପତ୍ୟ ଯୌନ ସଚେତନା ନଗ୍ନ ସୌନ୍ଦର୍ଯ୍ୟର ଆବରଣରେ ଆପଣେ ସଂକୁଚିତ ହୋଇଥିଲା । ମାଆ ବାବାଙ୍କୁ ପଚାରିଲେ, "କି ହେ ବ୍ରହ୍ମଚାରୀ ବୀର, ଅନୁଭୂତ ନାରୀ ନିକଟରେ ତୁମ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ଆଜି ପରାଜୟ ହେଲା ତ ?"

ବାବା ମଥା ଅବନତ କରି ବାଇମା'ଙ୍କ ଘରୁ ବାହାରି ପଦବ୍ରଜରେ ମାଆଙ୍କ ହସ୍ତ ଖଟରେ ଲୁଚି ଯାଇଥିଲେ ।

ମୁଦ୍ରାକର— ବନମାଳୀ ମିଶ୍ର, ବି.ଏ, ନବଭାରତ ପ୍ରେସ, କଟକ ୧୯୫୧